ଧରିତ୍ରୀ
DHARITRI
ରାୟଗଡା, ରବିବାର, ୮ ମାର୍ଚ୍ଚ, ୨୦୨୦



## ସଂକ୍ଷେପରେ

### ଜନଔଷଧୀ ଦିବସରେ ଖୋଲିଲାନି ପ୍ରଧାନମନ୍ତ୍ରୀ ଜନଔଷଧୀ କେନ୍ଦ୍ର




**ଚନ୍ଦାହାଣ୍ଡି, ୭।୩(ଡି.ଏନ.ଏ.)-** କେନ୍ଦ୍ର ସରକାର ଭାରତ ଫାର୍ମାସ୍ୟୁଟିକାଲ ବିଭାଗ ତରଫରୁ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧୀ ପରି ଯୋଜନା ସମଗ୍ର ଦେଶରେ କାର୍ଯ୍ୟକାରୀ କରିଛନ୍ତି । ପ୍ରତ୍ୟେକ ବର୍ଷ ମାର୍ଚ୍ଚ ମାସ ୭ତାରିଖକୁ ଜନଔଷଧୀ ଦିବସ ଭାବେ ସାରା ଭାରତରେ ପାଳନ କରାଯାଉଛି । ଏହି ଦିବସ ପାଳନ କରିବାର ଲକ୍ଷ୍ୟ ହେଉଛି ଏହି ଯୋଜନା ଦ୍ୱାରା ଲୋକମାନେ ବିଶେଷ ଭାବେ ଉପକୃତ ହେବା ଏବଂ ସେମାନଙ୍କୁ ସୁଲଭ ମୂଲ୍ୟରେ ଉଚ୍ଚଗୁଣ ସମ୍ପନ୍ନ ଔଷଧ ଉପଲବ୍ଧ କରାଇବା। କିନ୍ତୁ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ଜନସାଧାରଣଙ୍କ ସୁବିଧା ପାଇଁ ଜନଔଷଧୀ କେନ୍ଦ୍ର ଖୋଲାଯାଇଛି । ଶନିବାର ଜନଔଷଧୀ ଦିବସ ପାଳନ କରାଯାଇ ନଥିବାବେଳେ କେନ୍ଦ୍ର ମଧ ବନ୍ଦ ରହିଥିଲା । ଏଥିଯୋଗୁ ଜନସାଧାରଣ ଔଷଧ ନପାଇ ଫେରିଯାଇଥିଲେ । ଲୋକଙ୍କୁ ଜନଔଷଧୀ ବାବଦରେ କୌଣସି ସଚେତନ କରାଯାଉ ନଥିବା ଚନ୍ଦାହାଣ୍ଡି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି ।

### ଆକାଂକ୍ଷା ଜିଲା ନିର୍ଦ୍ଦେଶକଙ୍କୁ ଭେଟିଲେ ପୂର୍ବତନ ଏମ୍‌ପି ବଳଭଦ୍ର

**ନବରଙ୍ଗପୁର,୭।୩(ବି.ପ୍ର)** ନୀତିଆୟୋଗର ଆକାଂକ୍ଷା ଜିଲା ନିର୍ଦ୍ଦେଶକ ସୌମିତ୍ର ମଣ୍ଡଳଙ୍କୁ ଶୁକ୍ରବାର ନବରଙ୍ଗପୁର ଭାଜପା ପ୍ରତିନିଧି ଦଳ ସାକ୍ଷାତ କରିଛନ୍ତି। ନବରଙ୍ଗପୁର ଜିଲାରେ ଚାଲିଥିବା ବୈଜ୍ଞାନିକ ଓ କାରିଗରୀ ଜ୍ଞାନ କୌଶଳ ସମ୍ପର୍କରେ ଆଲୋଚନା ହୋଇଥିଲା । ଚାଷୀଙ୍କ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସ୍ଥିତି ସୁଦୃଢ ଶିର୍ଷକ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା । କେନ୍ଦ୍ର ସରକାରଙ୍କ ୧୨ଟି କୃଷି ଅନୁସନ୍ଧାନ ସଂସ୍ଥାର ବୈଜ୍ଞାନିକମାନେ ନବରଙ୍ଗପୁର ଜିଲାରେ ଉନ୍ନତ କୃଷି ଓ ନୂତନ ଜ୍ଞାନ କୌଶଳ ସମ୍ପର୍କରେ ଚାଷୀଙ୍କ ସହ ସିଧାସଳଖ ଯୋଗ ସମ୍ପର୍କ ରଖିଛନ୍ତି । ଚାଷୀ କିଭଳି କମ ଖର୍ଚ୍ଚରେ ଅଧିକ ଅମଳ କରି ନିଜକୁ ଆର୍ଥୀକ କ୍ଷେତ୍ରରେ ସୁଦୃଢ କରିପାରିବେ ସେ ନେଇ ଉଦ୍ୟମ ଜାରି ରଖିଛନ୍ତି । ଏବେ ଉକ୍ତ ସଂସ୍ଥା ଗୁଡିକ ନିଜସ୍ୱ ପାଣ୍ଠିରୁ କାର୍ଯ୍ୟକ୍ରମ ଚଳାଇଛନ୍ତି । ନବରଙ୍ଗପୁର ଜିଲାରେ ଏହି କାର୍ଯ୍ୟକ୍ରମ ଗୁଡିକ ଅତିକମରେ ୩ ବର୍ଷ ଆହୁରି ଅବଧି ବଢାଇବାପାଇଁ ନିର୍ଦ୍ଦେଶକଙ୍କୁ ପୂର୍ବତନ ଏମପି ବଳଭଦ୍ର ମାଝି ଅନୁରୋଧ କରିଛନ୍ତି। ଏଥିପାଇଁ ବିଶେଷ ପାଣ୍ଠିର ଆବଶ୍ୟକତା ରଖାନଗଲେ ଲକ୍ଷ୍ୟ ପୂରଣ ସମ୍ଭବପର ହୋଇ ପାରିବ ନାହିଁ ବୋଲି ଜଣାଇଛନ୍ତି। ଏନେଇ ନିର୍ଦ୍ଦେଶକ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତା ୧୩ ତାରିଖରେ ଏସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ କରାଯିବ ବୋଲି ସ୍ଥିର କରାଯାଇଛି। ପୂର୍ବତନ ଏମପି ବଳଭଦ୍ର, ନବରଙ୍ଗପୁରର ଯୁବ ନେତା ଗୌରୀ ଶଙ୍କର ମାଝୀ, ଜିଲା ସଭାପତି ଜଗଦିଶ ଚନ୍ଦ୍ର ବିଷୋୟୀ, ଜିଲା ଯୁବମୋର୍ଚ୍ଚା ସଭାପତି କାହ୍ନୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ବର୍ଷାରେ ଭିଜିଲା ଧାନ

**ଚନ୍ଦାହାଣ୍ଡି,୭।୩ (ଡି.ଏନ.ଏ.)**


ବର୍ଷାରେ ଓଦା ହୋଇଥିବା ଧାନବସ୍ତା ।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ବର୍ଷା ଯୋଗୁ ମଣ୍ଡିରେ ଗଦା ହୋଇଥିବା ୨୦୦ ବସ୍ତା ଧାନ ଓଦା ହୋଇଛି। ପୂଜାରୀଗୁଡ଼ା ଏବଂ କୋଇଲିମୁଣ୍ଡା ମଣ୍ଡିରେ ଟୋକନ ଆସି ନଥିବାରୁ ମଣ୍ଡିରୁ ଧାନ ଉଠି ପାରି ନଥିଲା। ବର୍ଷା ହେବାରୁ ଧାନ ଓଦା ହୋଇ ନଷ୍ଟ ହୋଇଛି। ଚାଷୀ ଯେପରି ଅଭାବୀ ବିକ୍ରିର ଶିକାର ନ ହେବେ ସେଥିପାଇଁ ରାଜ୍ୟ ସରକାର ଅନଲାଇନରେ ଟୋକନ ଏବଂ ଧାନ ବିକ୍ରି ଟଙ୍କା ପଠାଇବାର ବ୍ୟବସ୍ଥା କଲେ । କିନ୍ତୁ ଦୁର୍ଗମ ଅଞ୍ଚଳରେ ମୋବାଇଲ ଟାୱାର ସୁବିଧା ନ ଥିବା ଯୋଗୁ ବହୁ ଚାଷୀଙ୍କ ମୋବାଇଲକୁ ମେସେଜ ଯାଇ ନ ଥିଲା । ବ୍ଲକର ପୂଜାରୀଗୁଡ଼ା, ଚନ୍ଦାହାଣ୍ଡି, କୋଇଲିମୁଣ୍ଡା ଏବଂ ଧୋଡ଼ିପାଣିରେ ଧାନମଣ୍ଡି ଖୋଲାଯାଇ ଚାଷୀଙ୍କ ଧାନ କିଣାଯାଇଥିଲା । କିନ୍ତୁ ଚନ୍ଦାହାଣ୍ଡି ଏବଂ ଧୋଡ଼ିପାଣି ମଣ୍ଡିରେ ସମସ୍ତ ଚାଷୀଙ୍କ ଧାନ କିଣାଯାଇଥିବା ବେଳେ ପୂଜାରୀଗୁଡ଼ା ଏବଂ କୋଇଲିମୁଣ୍ଡା ମଣ୍ଡିରେ ୫୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ପାଖକୁ ଫେବୃୟାରୀ ୪ ତାରିଖରେ ଧାନ ବିକ୍ରି କରିବା ପାଇଁ ମେସେଜ ଆସିଥିଲା । ସେହି ଅନୁଯାୟୀ ଚାଷୀମାନେ ପୂଜାରୀଗୁଡ଼ା ଏବଂ କୋଇଲିମୁଣ୍ଡା ମଣ୍ଡିକୁ ଧାନ ବିକ୍ରି କରିବାକୁ ଆଣିଥିଲେ । କିନ୍ତୁ ଚାଷୀ ମଣ୍ଡିକୁ ଧାନ ନେବାପରେ ସମସ୍ତ ଚାଷୀଙ୍କ ଟୋକନ ଉଡିଯାଇଥିଲା । ଟୋକନ ଉଡିଯିବା ଏବଂ ଲ୍ୟାମ୍ପସରେ ଲାପ୍‌ଟପ୍‌ରେ ଚାଷୀଙ୍କ ନାଁ ନ ବାହାରିବାରୁ ବ୍ଲକ ଯୋଗାଣ ବିଭାଗ ଏବଂ ଲ୍ୟାମ୍ପ ପକ୍ଷରୁ ଚାଷୀଙ୍କ ଧାନ କିଣିବାକୁ ମନା କରି ଦେଇଥିଲେ । ଏ ନେଇ ଚାଷୀମାନେ ବିଡିଓଙ୍କୁ ଜଣାଇଥିଲେ । ଏକ ମାସ ହେବ ପୂଜାରୀଗୁଡା ମଣ୍ଡିରେ ୩୦ଜଣ ଚାଷୀଙ୍କ ୪,୨୭୨ ବସ୍ତା ଏବଂ କୋଇଲିମୁଣ୍ଡା ମଣ୍ଡିରେ ୪୮ଜଣ ଚାଷୀଙ୍କ ୭,୨୭୩ ବସ୍ତା ଧାନ ପଡିରହିଛି । ଏବେ ଅଦିନିଆ ବର୍ଷାରେ ଧାନ ନଷ୍ଟ ହୋଇଛି। ଚାଷୀମାନେ ପୂର୍ବତନ ଏମ୍‌ପି ବଳଭଦ୍ର ମାଝିଙ୍କୁ ସମସ୍ୟା ସମ୍ପର୍କରେ ଶୁକ୍ରବାର ଜଣାଇଥିଲେ । ଏ ନେଇ ସେ ନବରଙ୍ଗପୁର ଜିଲାପାଳଙ୍କୁ ଜଣାଇଥିଲେ। ଜିଲାପାଳ ରାଜ୍ୟ ଯୋଗାଣ ବିଭାଗକୁ ପତ୍ର ଲେଖିଛନ୍ତି ଏବଂ ଚାଷୀଙ୍କ ମୋବାଇଲକୁ ପୁଣିଥରେ ଟୋକନ ଆସିବା ପରେ ଧାନ କିଣାଯିବ ବୋଲି କହିଥିବା ସୂଚନା ଦେଇଛନ୍ତି । ସେହିପରି ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ମନୋଜ ଦାସଙ୍କୁ ପଚାରିବାରୁ ରାଜ୍ୟକୁ ଏ ସମ୍ପର୍କରେ ଜଣାଇ ଦିଆଯାଇଛି । ସେଠାରୁ ନିର୍ଦ୍ଦେଶ ଆସିଲେ ସମସ୍ତ ୭୮ ଜଣ ଚାଷୀଙ୍କୁ ଧାନ କିଣାଯିବ ବୋଲି କହିଛନ୍ତି । ଲ୍ୟାମ୍ପସ ଏମ୍‌ଡି ରମେଶ ଚନ୍ଦ୍ର ତ୍ରିପାଠୀଙ୍କୁ ପଚାରିବାରୁ ମିଲର ଠିକ୍ ସମୟରେ ଧାନ ନ ଉଠାଇବାରୁ ଚାଷୀଙ୍କ ଧାନ କିଣାଯାଇ ପାରିଲା ନାହିଁ । ସେଥିପାଇଁ ଚାଷୀଙ୍କ ମୋବାଇଲକୁ ଆସିଥିବା ମେସେଜ୍ ଡିଲିଟ ହୋଇଗଲା । ଯେଉଁ ଚାଷୀଙ୍କ ଧାନ ପଡିରହିଛି । ସେମାନଙ୍କ ଜମିପଟା ଦେଖି ଧାନକିଣା ଯିବ ବୋଲି କହିଛନ୍ତି । ମିଲର ମଣ୍ଡିରୁ ଧାନ ନ ଉଠାଇବା, ଅନଲାଇନ ରେଜିଷ୍ଟ୍ରେସନ ଏବଂ ଟୋକନ ଯୋଗୁ ଧାନ ବିକ୍ରି କରି ନ ପାରିବା, ଧାନ ବିକ୍ରି କରିଥିଲେ ମଧ ବହୁ ବିଳମ୍ବରେ ଧାନ ବିକ୍ରି ଟଙ୍କା ଆସିବା ଯୋଗୁ ଚଳିତବର୍ଷ ଚାଷୀ ବହୁ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି ।

# ଯନ୍ତାରେ ପଡିଲା ଭାଲୁ

**ନନ୍ଦାହାଣ୍ଡି, ୭।୩ (ଡି.ଏନ.ଏ.)**



ଉଦ୍ଧାର ହୋଇଥିବା ଭାଲୁ ।

ଜଙ୍ଗଲ କ୍ଷୟ ସାଙ୍ଗକୁ ଖାଦ୍ୟର ଅଭାବ । ଏହା ସାଙ୍ଗକୁ ପୋଖରୀ ଶୁଖିଲା ପଡୁଛି । ଏଭଳି ପରିସ୍ଥିତିରେ ଭାଲୁ ଏବେ ଗାଁ ମୁହାଁ ହେଉଛନ୍ତି । ଜଙ୍ଗଲରୁ ଗାଁ ମୁହାଁ ହୋଇ ୨ଟି ଭାଲୁ ନନ୍ଦାହାଣ୍ଡି ବ୍ଲକ ଦହରାଗାଁ ଆତଙ୍କ ଖେଳାଉଛନ୍ତି। ନନ୍ଦାହାଣ୍ଡି ବ୍ଲକ ଦହଣାଗାଁର ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ କିଶୋର ଚନ୍ଦ୍ର ମିଶ୍ରଙ୍କ ଘର ବାଡିରୁ ଗୋଟିଏ ଭାଲୁ ଉଦ୍ଧାର କରାଯାଇଛି । ଅନ୍ୟ ଏକ ଭାଲୁ ଧରାପଡି ନାହିଁ। କିଛି ଦିନ ହେବ ଚନ୍ଦାହାଣ୍ଡି ବ୍ଲକ କିଶୋର ଚନ୍ଦ୍ରଙ୍କ ଘର ପାଚେରୀ ଡେଇ ଦୁଇଟି ଭାଲୁ ଖାଦ୍ୟ ଅନ୍ୱେଷଣ କରି ଫଳ ଓ ଆମ୍ବୁ ଖାଉଥିଲେ । ବନ ବିଭାଗ ନିକଟରେ ଅଭିଯୋଗ କରାଯାଇଥିଲା । କିଶୋରଙ୍କ ପାଳିତ କୁକୁର ଭାଲୁକୁ ଘଉଡାଇବା ପାଇଁ ଚେଷ୍ଟା କରୁଥିବା ଭିଡିଓ ମଧ ଉତ୍ତୋଳନ କରାଯାଇ ପ୍ରମାଣ ଭିତ୍ତିକ ଅଭିଯୋଗ ବନବିଭାଗକୁ ଦିଆଯାଇଥିଲ । ଏନେଇ ବନ ବିଭାଗ ପକ୍ଷରୁ ଏକ ଟିମ ଗଠନ କରାଯାଇ ପାଟ୍ରୋଲିଂ କରାଯାଇଥିଲା । ଶୁକ୍ରବାର ବିଳମ୍ବିତ ରାତିରେ ବନ ବିଭାଗ ପକ୍ଷରୁ ଏକ ଯନ୍ତା ରଖାଯାଇଥିଲା । ଉକ୍ତ ଯନ୍ତାରେ ଭାଲୁଟି ପଡିବା ପରେ ୱାଇଲ୍ଡଲାଇଫ ଟିମ ଉଦ୍ଧାର କରିଥିଲା । ପରେ ଯନ୍ତାସହ ଉକ୍ତ ଭାଲୁକୁ ନେଇ ଚରକ ବନ ଠାରେ ଆଣି ରଖିଛି। ଗୋଟିଏ ଭାଲୁ ଉଦ୍ଧାର ହୋଇଥିବା ବେଳେ ଅନ୍ୟଟି ଏଯାଏ ଧରାପଡିନାହିଁ । ତେବେ ଉଦ୍ଧାର ହୋଇଥିବା ଭାଲୁର ସ୍ୱାସ୍ଥ୍ୟ ଓ ତହାର କିଛି ଆବଭାବ ଦେଖିବା ପରେ ପୁଣି ସୁରକ୍ଷିତ ଭାବେ ଜଙ୍ଗଲରେ ଛଡାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦେଇଛି।

# କରୋନା ସମ୍ପର୍କିତ ସଚେତନତା

**ପାପଡାହାଣ୍ଡି, ୭।୩(ଡି.ଏନ.ଏ)–** ସାରା ବିଶ୍ୱରେ କରୋନା ରୋଗର ଭୟାଭୟ ନେଇ ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି । ଏପରି ସ୍ଥଳେ ଶନିବାର ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ନାକଟିଗୁଡା ପଞ୍ଚାୟତ ଗାଡ଼ିଆଗୁଡା ଗ୍ରାମରେ ଲୋକଙ୍କୁ ସଚେତନ ସହ ଲିଫ ଲେଟ ଛାତ୍ରୀଛାତ୍ର ବାଣ୍ଟିଛନ୍ତି । ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ମନୋଜ କୁମାର ମାଝି, ସିଆରସିସି ଚନ୍ଦ୍ର ଶେଖର ମହାପାତ୍ର,ବିଦ୍ୟାଳୟ କମିଟି ସଭାପତି ଡମ୍ବୁ ହରିଜନଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ଗ୍ରାମ ପରିକ୍ରମା କରିଥିଲେ । ହାତରେ ପ୍ଲା କାର୍ଡ ଓ ସ୍ଲୋଗାନ ଦେବା ସହ ଲିଫ ଲେଟ ବଣ୍ଟନ କରାଯାଇଥିଲା । ଲୋକଙ୍କୁ ପରସ୍ପର ହାତ ନ ମିଶାଇବା, ଜ୍ୱର ହେଲେ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରୀକ୍ଷା କରିବା, ମାସ୍କ ବାନ୍ଧିବା ପାଇଁ ସଚେତନ କରାଇଥିଲେ ।



ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଯାଉଛନ୍ତି ।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଦାବିପତ୍ର

**ନବରଙ୍ଗପୁର,୭।୩(ବି.ପ୍ର.)**


ଉପଜିଲାପାଳଙ୍କୁ ୱାର୍ଡମେମ୍ବରମାନେ ଦାବିପତ୍ର ଦେଉଛନ୍ତି ।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବାଣୁଆଗୁଡା ପଞ୍ଚାୟତର ସରପଞ୍ଚ ପୂର୍ଣ୍ଣ ଚନ୍ଦ୍ର ମାଝୀଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ୧୦ଜଣ ୱାର୍ଡ ମେମ୍ବର ଦାବି କରିଛନ୍ତି । ଏନେଇ ୱାର୍ଡମେମ୍ବରମାନେ ଲିଖିତ ଭାବେ ଉପଜିଲାପାଳଙ୍କୁ ଜଣାଇଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ କାର୍ଯ୍ୟକାରୀ କରାଯିବ ବୋଲି ଉପଜିଲାପାଳ ଭାସ୍କର ରଇତୋ କହିଛନ୍ତି। ୱାର୍ଡମେମ୍ବରମାନେ ଅଭିଯୋଗ କରିଛନ୍ତି ଯେ, ସରକାରଙ୍କ ପକ୍ଷରୁ ଆସୁଥିବା ଅନୁଦାନ ଗୁଡିକୁ ସରପଞ୍ଚ ମାଝୀ କୌଣସି ସଭ୍ୟାସଭ୍ୟଙ୍କୁ ନଜଣାଇ ନିଜ ଇଚ୍ଛା ମୁତାବକ କାର୍ଯ୍ୟ କରୁଛନ୍ତି । ନିଜେ କାର୍ଯ୍ୟ ଖସଡା ପ୍ରସ୍ତୁତ ଠିକାକାର୍ଯ୍ୟ କରିବା ସହ ଦଲାଲମାନଙ୍କୁ ସୁଯୋଗ ଦେଉଛନ୍ତି । ମାସିକ ବୈଠକ ଡକାଯାଉ ନାହିଁ । ଏମଜିଏନଆରଇଜିଏସ ଯୋଜନାରେ ଗୋଷ୍ଠିଗତ ଭାବେ ଶ୍ରମିକ କାମ ପାଉ ନାହାନ୍ତି । ଆବାସ ଯୋଜନାରେ ଘର ପାଇଥିବା କେତେକ ହିତାଧିକାରୀଙ୍କ ଘର ନିର୍ମାଣ କାର୍ଯ୍ୟ ସରପଞ୍ଚ ନିଜେ ଠିକାଦାର ଭଳି ନିର୍ମାଣ କରୁଛନ୍ତି । ଅଧୁରା କରି ହିତାଧିକାରୀଙ୍କ ଘର ଗୁଡିକ ରଖିଛନ୍ତି । ଏଥିପାଇଁ ହିତାଧିକାରୀମାନେ ବହୁ ସମସ୍ୟାର ସମ୍ମୁଖିନ ହେଉଥିବା ଅଭିଯୋଗରେ ଦର୍ଶାଇଛନ୍ତି । ୨୦୧୬–୧୭ ବର୍ଷର ଡ୍ରେନ କାମକୁ ନୂଆ କାମ ଆକାରରେ ବିଲ କରିବା ପାଇଁ ଉଦ୍ୟମ କରିଛନ୍ତି । ୪ଟି ରାଜସ୍ୱ ଗାଁ ମଧରେ ଗୋଟିଏ ରାଜସ୍ୱ ଗାଁରେ ଅଧିକ ଉନ୍ନୟନ କାର୍ଯ୍ୟ ରଖି ଠିକା କାମକୁ ବିକ୍ରି କରାଯାଉଛି ବୋଲି ଅଭିଯୋଗ କରିଛନ୍ତି । ଏଥିପାଇଁ ୫ ତାରିଖରେ ଧାରଣାବେଡା ଗାଁରେ ଏକ ବୈଠକ କରାଯାଇ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ନିଷ୍ପତ୍ତି ହୋଇଥିଲା । ଏନେଇ ଶନିବାର ୧୦ ଜଣ ୱାର୍ଡମେମ୍ବର ଆସି ଦାବିପତ୍ର ଉପଜିଲାପାଳଙ୍କୁ ଦେଇ ସମସ୍ୟା ଓ ଅଭିଯୋଗ ସମ୍ପର୍କରେ ଅବଗତ କରାଇ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଅନୁରୋଧ କରିଛନ୍ତି।

## ନାବାଳକଙ୍କ ଆତ୍ମହତ୍ୟା

**ଚନ୍ଦାହାଣ୍ଡି, ୭।୩(ଡି.ଏନ.ଏ.)** ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାଟଖଲିଆ ପଞ୍ଚାୟତ ଗୋରଝରିଆ ଗ୍ରାମର ନାବାଳକ ଅଜୟ ସୁନା ବେକରେ ଦଉଡି ବାନ୍ଧି ମହୁଲ ଗଛରେ ଝୁଲି ଆତ୍ମହତ୍ୟା କରିଛନ୍ତି। ଗୋରଝରିଆ ଗ୍ରାମର ଭିନ ସୁନାଙ୍କ ପୁଅ ଅଜୟ (୧୩) ଶୁକ୍ରବାର ସକାଳେ ଘରୁ କୁଆଡେ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକ ତାକୁ ଖୋଜାଖୋଜି କରିଥିଲେ। ମହୁଲ ଗଛରେ ତାର ଝୁଲନ୍ତା ମୃତଦେହ ଦେଖି ସରପଞ୍ଚଙ୍କୁ ପରିବାର ଲୋକେ ଜଣାଇଥିଲେ। ସରପଞ୍ଚ ପୋଲିସକୁ ଜଣାଇବା ପରେ ଏଏସଆଇ ତରଣୀସେନ ନାୟକ ଘଟଣାସ୍ଥଳକୁ ଯାଇ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଅଜୟ ପାଟଖଲିଆ ପାଟେନ ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀରେ ପାଠ ପଢନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଏଏସଆଇ ତରଣୀସେନ ନାୟକ କହିଛନ୍ତି।

# ଅଷ୍ଟ ପ୍ରହର ନାମଯଜ୍ଞ

**ପାପଡାହାଣ୍ଡି, ୭।୩(ଡି.ଏନ.ଏ)–** ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ କଣ୍ଟାମାଳ ଠାରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର କଳସ ଯାତ୍ରା ଆରମ୍ଭ ହୋଇଥିଲା । ୮ ଟି ଦଳ ଭାଗ ନେଇ ୨୪ ଘଣ୍ଟିଆ ନାମ ଜପ କରିଥିଲେ। ଶେଷ ଦିନରେ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, କେ ଶ୍ୟାମ ପାତ୍ର, ସରୋଜ ଜାଲ ପ୍ରମୁଖ ଉପସ୍ଥିତ ଥିଲେ । କମିଟି ସଭାପତି ଚନ୍ଦ୍ର ଧର ବିଶୋଇ, କୈଳାସ ବିଶୋଇ, ଗୋବିନ୍ଦ ବିଶୋଇ, ହେମନ୍ତ ବିଶୋଇ ପ୍ରମୁଖ ଅଷ୍ଟପ୍ରହରୀ ଅୟୋଜନ କରିଥିଲେ।

# ଅଚଳ ନଳକୂପ ମରାମତି ପାଇଁ ନିର୍ଦ୍ଦେଶ

**ନବରଙ୍ଗପୁର,୭।୩(ବି.ପ୍ର.)–** ଗ୍ରୀଷ୍ମଋତୁରେ ପ୍ରଚଣ୍ଡ ଖରା ହେବ। ଅଂଶୁଘାତର ସମ୍ଭାବନା ରହିଛି। ଏହାର ମୁକାବିଲା କିପରି କରାଯିବ ସେଥିପାଇଁ ସ୍ଥାନୀୟ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷଠାରେ ଜିଲା ଜରୁରୀ କାଳୀନ ବିଭାଗ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅଜିତ କୁମାର ମିଶ୍ର ଅଧକ୍ଷତା କରିଥିଲେ। ଜିଲାର ସମସ୍ତ ଅଚଳ ନଳକୂପ ଗୁଡିକ ତୁରନ୍ତ ମରାମତି କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କଣ୍ଟ୍ରୋଲ ରୁମ ବ୍ୟବସ୍ଥା ସକାଳ ୮ରୁ ସନ୍ଧ୍ୟା ୭ଟା ଯାଏ ଚାଲୁ ରଖିବା ପାଇଁ ପରାମର୍ଶ ଦେଇଥିଲେ । ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ଏହା ଖୋଲାଯାଉ ବୋଲି ପ୍ରସ୍ତାବ ରହିଥିଲା । ଯଥେଷ୍ଟ ପରିମାଣରେ ଓଆରଏସ ମହଜୁଦ ରଖିବା ସହ ଅଂଶୁଘାତରେ ପୀଡିତଙ୍କ ପାଇଁ ସ୍ୱତନ୍ତ୍ର ସେଲର ବ୍ୟବସ୍ଥା କରାଯିବାକୁ ପରାମର୍ଶ ଦିଆଯାଇଛି । ଶିକ୍ଷାନୁଷ୍ଠାନ ଗୁଡିକ ସକାଳ ସାଢେ୬ରୁ ସାଢେ୧୦ ପର୍ଯ୍ୟନ୍ତ ସମୟ ନିର୍ଦ୍ଧାରିତ ରହିବ । ଶ୍ରମିକ ମାନେ ପୂର୍ବାହ୍ନ ୧୧ଟାରୁ ସାଢେ୩ଟା ପର୍ଯ୍ୟନ୍ତ କାର୍ଯ୍ୟରେ ନଲଗାଇବା, ଶ୍ରମିକଙ୍କ ବିଶ୍ରାମ ପାଇଁ କାର୍ଯ୍ୟ ସ୍ଥଳରେ ସେଡ ନିର୍ମାଣ କରାଯିବାକୁ କୁହାଯାଇଛି । ପଥିକ ମାନଙ୍କ ପାଇଁ ରାସ୍ତା ଓ ଛକ ନିକଟରେ ଜଳଛତ୍ର, ପ୍ରାଣୀମାନଙ୍କ ପାଇଁ ପାନୀୟ ବ୍ୟବସ୍ଥା ପାଇଁ ଚୁଆ, ପୋଖରୀ ତଟରେ ପାଣିର ସୁବ୍ୟବସ୍ଥା କରାଯିବାକୁ ପଞ୍ଚାୟତ ସ୍ତରରେ ପଦକ୍ଷେପ ନିଆଯିବ । ବିଦ୍ୟାଳୟରେ ପାନୀୟ ଜଳସମସ୍ୟା ଯେମିତି ନରହେ ସେଥିପ୍ରତି ଗୁରୁତ୍ୱ ଦେବାକୁ କୁହା ଯାଇଥିଲା । ସମ୍ପୃକ୍ତ ଅଧିକାରୀ ମାନେ ଏଥିପ୍ରତି ଯତ୍ନବାନ ହେବା ଆବଶ୍ୟକ ରହିଛି । ବୈଠକରେ ଜିଲାପରିଷଦ ଅଧକ୍ଷା ଭଗବତୀ ଭତରା, ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୂତାର, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ସିଡିଏମଓ ସନ୍ତୋଷ କୁମାର ସ୍ୱାଇଁ, ଉପଜିଲାପାଳ ଭାସ୍କର ରଇତୋ, ଜିଲାଜରୁରୀ କାଳୀନ ଅଧିକାରୀ ସୁକାନ୍ତ କୁମାର ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ଉପସ୍ଥିତ ଥିଲେ ।

# ସଙ୍କୁଚିତ କରାଯାଉଛି ସରପଞ୍ଚଙ୍କ କ୍ଷମତା

**ନବରଙ୍ଗପୁର,୭।୩(ବି.ପ୍ର.)** ସ୍ଥାନୀୟ ଭତରା ଭବନ ଠାରେ ଜିଲା ସରପଞ୍ଚ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ସରପଞ୍ଚମାନଙ୍କୁ ସ୍ୱାଧିନତାର ସହ କାର୍ଯ୍ୟ କରିବାକୁ ଦିଆଯାଉ ନାହିଁ । ଅମଲାତନ୍ତ୍ର ନିୟନ୍ତ୍ରଣରେ ପଞ୍ଚାୟତ ପ୍ରତିନିଧିମାନେ କାମ କରୁଛନ୍ତି । ସାମ୍ବିଧାନୀକ ନିୟମ ପ୍ରକାରେ ପଞ୍ଚାୟତ ଅନୁଷ୍ଠାନ ଗୁଡିକୁ ସ୍ୱୟଂଶାସିତ ଅନୁଷ୍ଠାନ ଭାବେ କାର୍ଯ୍ୟ କରିବାକୁ ଦିଆଯାଉ ବୋଲି ଦାବି କରିଛନ୍ତି। ବିଡିଓମାନେ ପଞ୍ଚାୟତ କାର୍ଯ୍ୟରେ ହସ୍ତକ୍ଷେପ କରୁଛନ୍ତି । ତାହା ଉଚ୍ଛେଦ କରାଯାଉ । ପ୍ରତ୍ୟେକ ପଞ୍ଚାୟତଗ୍ରାମ୍ୟ ଜଳ ଓ ପରିମଳ ବିଭାଗକୁ ୧୦ ହଜାର ଟଙ୍କା ଲେଖାଏଁ ଜମା କରିବାକୁ ଦିଆଯାଇଥିବା ନିର୍ଦ୍ଦେଶ ରଦ୍ଦ କରାଯାଉ । ଷ୍ଟ୍ରିଟଲାଇଟ ବ୍ୟବସ୍ଥା ପଞ୍ଚାୟତ ଅଧିନରେ ରଖା ଯାଉ । ଅଙ୍ଗନୱାଡିକେନ୍ଦ୍ର ଗୁଡିକୁ ବିଦ୍ୟୁତ ସଂଯୋଗୀ କରଣ, ନଳକୂପ ମରାମତି ପାଇଁ ଆବଶ୍ୟକ ସାମଗ୍ରୀ ପଞ୍ଚାୟତ ପକ୍ଷରୁ କିଣାଯାଉ, ନଦୀ ବାଲିଘାଟ, ପଥର କୁଆଁରୀ କର ପଞ୍ଚାୟତ ଦ୍ୱାରା ଆଦାୟ କରାଯାଉ, ପଞ୍ଚାୟତକୁ ନଳକୂପ ଖନନ ପାଇଁ କ୍ଷମତା ପ୍ରଦାନ କରାଯିବାକୁ ଦାବି କରିଛନ୍ତି ।

**PARADIP PORT TRUST**

**e-TENDER CALL NOTICE**

Name of the work **"Construction of Sump for Storage of treated Water including Providing & Laying of Pipe Line from STP-I to Fire Station near Gate no.4". EMD cost Rs.1,27,017/-.** Last date and time of submission of Bid **25.03.2020 at 17.15Hrs.** For details please refer our website **https://eprocure.gov.in/eprocure/aap**

**Executive Engineer**
**Harbour Works Division-III**
**PPT/PR/702/19-20 Dt.06.03.2020**

**ପୂର୍ବ ତଟ ରେଳପଥ**

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-28-19

**କାର୍ଯ୍ୟର ବିବରଣୀ:** ଦୁଇ ବର୍ଷ ନିମନ୍ତେ ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର ସ୍ଥିତ ରେଳବାଇ କଲୋନୀ ଠାରେ ବିଦ୍ୟୁତ ଏବଂ ଜଳ ଯୋଗାଣ ବ୍ୟବସ୍ଥା,ସର୍ଭିସ୍ ବିଲ୍ଡିଂ, ଷ୍ଟାଫ୍ କ୍ୱାର୍ଟର (ଟାଇପ୍-I,II,III,IV,V), ସଡ଼କ ଆଲୋକ, ସେଣ୍ଟ୍ରାଲ ହସ୍ପିଟାଲ, ସ୍କ୍ରାପ୍ ୟାର୍ଡ୍/ଜେନେରାଲ ଷ୍ଟୋର ଡିପୋ, ରେଳବାଇ ଷ୍ଟାଡ଼ିୟମରେ ଇଲେକ୍ଟ୍ରିକାଲ ସିଷ୍ଟମ୍ ର ବିବିଧ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 2,05,44,104.49, EMD (ଟଙ୍କାରେ): 2,52,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 24 ମାସ ।**

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-27-19

**କାର୍ଯ୍ୟର ବିବରଣୀ:** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ପୁରୀ ଅଧୀନସ୍ଥ ପୁରୀ-କଣାସ ସେକ୍ସନ ଏବଂ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ଭୁବନେଶ୍ୱର ଅଧୀନସ୍ଥ ଭୁବନେଶ୍ୱର-ରାଜଆଠଗଡ଼-ରେଡଗ ସେକ୍ସନ ଏବଂ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ଖୋର୍ଦ୍ଧା ରୋଡ଼ ଅଧୀନସ୍ଥ ଖୋର୍ଦ୍ଧା ରୋଡ଼-ଗଙ୍ଗାଧରପୁର-ମୋଟାରୀ-ନୟାଗଡ଼ ଟାଉନ୍ ସେକ୍ସନର ଇଲେକ୍ଟ୍ରିକାଲ ଜେନେରାଲ କାର୍ଯ୍ୟଗୁଡ଼ିକ ନିମନ୍ତେ ବିବିଧ ରକ୍ଷଣାବେକ୍ଷଣ ଚୁକ୍ତି ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 8,63,31,419.14, EMD (ଟଙ୍କାରେ): 5,81,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 24 ମାସ ।**

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ଉଭୟ ଟେଣ୍ଡର ନିମନ୍ତେ): ତା.30.03.2020 ରିଖ 1500 ଘଟିକାରେ ।**

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ(ଜେନେରାଲ)/
PR-766/K/19-20 ଖୋର୍ଦ୍ଧା ରୋଡ଼

# ପାରମ୍ପରିକ ରଙ୍ଗରେ ଖେଳାଯିବ ହୋଲି

- **ପାଟଖଲିଆ ପଞ୍ଚାୟତବାସୀ ନେଲେ ନିଷ୍ପତ୍ତି**
- **ହଳଦୀଗୁଣ୍ଡ, ଚାଉଳଗୁଣ୍ଡରୁ ପ୍ରସ୍ତୁତ ରଙ୍ଗ ବ୍ୟବହାର ପାଇଁ ପରାମର୍ଶ**


ବୈଠକରେ ଯୋଗ ଦେଇଥିବା ଗ୍ରାମବାସୀ ।

**ଚନ୍ଦାହାଣ୍ଡି, ୭।୩(ଡି.ଏନ.ଏ.)** କରୋନା ଭାଇରସ ସଂକ୍ରମଣରେ ବିଶ୍ୱର ଅଧିକାଂଶ ଦେଶ ସଂକ୍ରମିତ ହୋଇସାରିଛନ୍ତି। ତେବେ ଆଗକୁ ହୋଲି ଥିବାରୁ କରୋନାରୁ ରକ୍ଷା ପାଇବା ପାଇଁ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାଟଖଲିଆ ପଞ୍ଚାୟତର ସମସ୍ତ ଗ୍ରାମର ମୁଖିଆ, ଶିରା, ପୁଜାରୀ ଏବଂ ଭଦ୍ରବ୍ୟକ୍ତିଙ୍କୁ ନେଇ ଶନିବାର ଏଥିପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଛି। ପବିତ୍ର ହୋଲି ଉତ୍ସବ ଆଧୁନିକ ରଙ୍ଗ, ଫଗୁଗୁଣ୍ଡ, ଚାଇନା ରଙ୍ଗ, ପିଚକାରୀ ବ୍ୟବହାର ନକରି ପୂର୍ବପୁରୁଷରୁ ଚଳିଆସୁଥିବା ପାରମ୍ପରିକ ରୀତିରେ ହୋଲି ଖେଳିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ବୈଠକରେ ସରପଞ୍ଚ ହର ପୂଜାରୀ ଅଧକ୍ଷତା କରିଥିବାବେଳେ ଜିଲା ପରିଷଦ ସଭ୍ୟ ସନିନ୍ଦ୍ର ଶୋରୀ, ସମିତିସଭ୍ୟ ତ୍ରିନାଥ ଦାଶ, ପ୍ରଦୀପ ଦାଶ, ଉଗ୍ରେସନ ପୂଜାରୀ, ଶ୍ୟାମସୁନ୍ଦର ପୂଜାରୀ, ଅଷ୍ଟମ କନିଆର, ଦେବୀ କନିଆର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ କରୋନା ଭାଇରସର ଭୟାବହତା ବିଷୟରେ ଆଲୋଚନା କରାଯାଇଥିଲା। ଏହାର ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଆସନ୍ତା ହୋଲିରେ ଚାଇନା ପ୍ରସ୍ତୁତ ହୋଲିରଙ୍ଗ, ଫଗୁ ବ୍ୟବହାର ନକରି ନିଆରା ଢଙ୍ଗରେ ଘରେ ପ୍ରସ୍ତୁତ ହଳଦୀଗୁଣ୍ଡ, ଚାଉଳଗୁଣ୍ଡ, ପଳାସଫୁଲରୁ ପ୍ରସ୍ତୁତ ରଙ୍ଗ ଏବଂ ବାଉଁଶ ପିଚକାରି, ହୋଲି ଦହନ ହୋଇଥିବା ପାଉଁଶରେ ହୋଲି ଖେଳିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ସମସ୍ତେ ଫୁଟା ପାଣି ପିଇବା ପାଇଁ ବ୍ୟବହାର କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

# ଦାଦନ ଖଟିବାକୁ ନ ଯିବା ପାଇଁ ଶ୍ରମିକଙ୍କୁ ପରାମର୍ଶ

**ନବରଙ୍ଗପୁର,୭।୩(ବି.ପ୍ର.)**


ସହାୟତା ରାଶିର ଚେକ ପ୍ରଦାନ କରାଯାଉଛି।

## ଜିଲାସ୍ତରୀୟ ନିର୍ମାଣ ଶ୍ରମିକ ସପ୍ତାହ ପାଳିତ

ନବରଙ୍ଗପୁର ଜିଲା ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ନିର୍ମାଣ ଶ୍ରମିକ ସପ୍ତାହ ଜିଲା ଶ୍ରମବିଭାଗ ପକ୍ଷରୁ ସ୍ଥାନୀୟ ପୋଲିସ ପଡିଆ ଠାରେ ଅନୁଷ୍ଠିତ ହୋଇ ଯାଇଛି । ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ କୌଣସି କ୍ଷେତ୍ରରେ ମଧ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଆନ୍ତୁ ନାହିଁ । ଏହି ଜିଲାରେ ଭରପୁର କାମ ରହିଛି ତାହା କରନ୍ତୁ ବୋଲି କହିଥିଲେ । ଏସପି ନିତିନ କୁସଲକର ଯୋଗ ଦେଇ ଦଲାଲ ମୁକ୍ତ ପାଇଁ ସରକାରଙ୍କ ଉଦ୍ୟମ ରହିଛି । ନିର୍ଭୟରେ ସିଧା ସଳଖ କାର୍ଯ୍ୟାଳୟକୁ ଯାଇ ନିଜ କାର୍ଯ୍ୟ କରିବା ପାଇଁ କହିଥିଲେ। ଜିଲାପାଳ ଅଜିତ କୁମାର ମିଶ୍ର ଶ୍ରମିକମାନଙ୍କ ପାଇଁ ଥିବା ବିଭିନ୍ନ ସୁବିଧା ସମ୍ପର୍କରେ କହିଥିଲେ ।ଡାକ୍ତର ସୁଶାନ୍ତ କୁମାର ଶତପଥି, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର ଗଇପଇ ମଞ୍ଚ ସଂଚାଳନ କରିଥିଲେ । ଏହି ଅବସରରେ ୫୦ ଜଣ ଶ୍ରମିକଙ୍କ ମୃତ୍ୟୁ କାଳିନ ସହାୟତା ବାବଦକୁ ୭୭ ଲକ୍ଷ ୫୦ ହଜାରଟଙ୍କା, ୧୩୬ ଜଣ ଶ୍ରମିକଙ୍କ ଝିଅ ବିବାହ ପାଇଁ ୫୪ ଲକ୍ଷ୫୦ ହଜାର, ୪୧ ଜଣ ଗର୍ଭବତୀଙ୍କୁ ସହାୟତା ପାଇଁ ୪ ଲକ୍ଷ ୧୦ ହଜାରଟଙ୍କା ଓ ୪୫୧ ଜଣ ଛାତ୍ରଙ୍କୁ ଛାତ୍ରବୃତ୍ତି ବାବଦକୁ ୧୬ ଲକ୍ଷ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ତେବେ ଯେଉଁ ସବୁ ଅନୁଦାନ ପ୍ରଦାନ କରାଯାଇଛି ତହା ହିତାଧିକାରୀ ମାନଙ୍କ ଆକାଉଁଟକୁ ଯିବ ବୋଲି ସୂଚନା ଦିଆଯାଇଥିଲା । ଏହା ବ୍ୟତିତ ୮୯୪ ଜଣଙ୍କୁ ପଞ୍ଜିକୃତ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ଏହି ମଞ୍ଚରେ ଜିଲା ସମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୯୦ ଜଣଙ୍କୁ ନିକ୍ଷୟ ଆରୋଗ୍ୟଙ୍କୁ ଉପକରଣ ଓ ପେନସନ ପ୍ରଦାନ କରାଯାଇଥିଲା । ଏନେଇ ଡାକ୍ତର ଶତପଥି କହିଥିଲେଯେ ନିକ୍ଷୟ ମାନେ କୌଣସି ଚିନ୍ତାରେ ନପଡି ନିୟମିତ ଔଷଧ ସେବନ କରନ୍ତୁ । ଡାକ୍ତରଖାନାରେ ମାଗଣା ଔଷଧ ପ୍ରଦାନ କରାଯାଉଛି ତହା ନିଅନ୍ତୁ ବୋଲି କହିଥିଲେ ।



କାୟ ମନବାକ୍ୟରେ ଅନ୍ୟର ମଙ୍ଗଳ କରିବା
ହେଉଛି ସାଧୁର ସ୍ୱଭାବ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ପୁରସ୍କାର ବିତରଣ ଉତ୍ସବ



କୋଲାବନଗର,୭।୩(ଡ଼ି.ଏନ.ଏ): କୋଲାବନଗର ସରକାରୀ ଉଚ୍ଚ ବିଦ୍ୟାଳୟର ୪୦ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ପ୍ରଧାନ ଶିକ୍ଷକ ଆଶିଷ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜୀବନରେ କ୍ରୀଡ଼ାର ଆବଶ୍ୟକତା ରହିଥିବା ନେଇ କହିଥିଲେ । ଖେଳ ଶିକ୍ଷକ ବାସୁଦେବ ରଥ,ସହକାରୀ ଶିକ୍ଷକ ଦେବାଶିଷ ପ୍ରଧାନ,ସହକାରୀ ଶିକ୍ଷୟିତ୍ରୀ ଶ୍ୱେତଲିନା ପ୍ରଧାନ କ୍ରୀଡ଼ାର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ । ଏଥିରେ ବିଭିନ୍ନ କ୍ରୀଡ଼ାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଅଭିଭାବକ କମିଟି ସଭାପତି ଭଗବାନ ପ୍ରଧାନ ପରିଚାଳନା କରିଥିଲେ । ଶିକ୍ଷକ ଅକ୍ଷୟ କୁମାର ସାହୁ, ସୁଜିତ୍ କୁମାର ଜେନା, ଶୁଭେନ୍ଦୁ ଖୋସଲା, ନମିତା ସ୍ୱାଇଁ, ଦେବସ୍ମିତା ପଣ୍ଡା, ସୁଭଦ୍ରା ରୁଇଆ, ରେଖା ଖୁଣ୍ଟିଆ, ତପସ୍ୱିନୀ ପାଢ଼ୀ, ତୃପ୍ତିମୟୀ ପାଣିଗ୍ରାହୀ, ଅବଦ୍ୟଧରଣୀ ମହାପାତ୍ର ସହଯୋଗ କରିଥିଲେ ।

### ଜଳିଗଲା ଦୋକାନ



ଲମତାପୁଟ, ୭।୩(ଡି.ଏନ.ଏ.): କୋରାପୁଟ ଜିଲା ଲମତାପୁଟ ବ୍ଲକ ଅନ୍ତର୍ଗତ ଅନକାଡେଲି ଗ୍ରାମରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡରେ ଏକ ଦୋକାନ ପୋଡ଼ି ପାଉଁଶ ହୋଇଯାଇଛି । ଏଥିରେ ୫ଲକ୍ଷ ଟଙ୍କାର ଜିନିଷ ନଷ୍ଟ ହୋଇଥିବା ଜଣାଯାଇଛି । ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ହୋଇଥିବା ଜଣାଯାଇଛି । ଶୁକ୍ରବାର ରାତିରେ ଦୋକାନ ମାଲିକ ଖଗେଶ୍ୱର ବେହେରା ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରାତି ୧୧ଟା ସମୟରେ ହଠାତ ଦୋକାନ ଗୃହରୁ ନିଆଁ ବାହାରୁଥିବା ଦେଖି ଦୌଡ଼ି ଆସିଥିଲେ। ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ କିନ୍ତୁ ଲିଭାଇ ପାରି ନ ଥିଲେ। ଶେଷରେ ଲମତାପୁଟ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

# ହାରିବା ପରେ ସଫଳତା

ଜୟପୁର, ୭।୩ (ଡି.ଏନ.ଏ )

ଜୀବନ ଯୁଦ୍ଧରେ ହାରି ଯାଇନାହାନ୍ତି ସେ । ବରଂ ବାରମ୍ବାର ହାରି ବି ସାମ୍ନା କରିବା ଶିଖିଛନ୍ତି ଜୀବନ ଯୁଦ୍ଧକୁ । ପ୍ରତିକୂଳ ସ୍ଥିତିକୁ ବି ଧୈର୍ଯ୍ୟର ସହ ନେବାକୁ ସେ ଅନେକଙ୍କ ପାଇଁ ରାସ୍ତା ଖୋଲି ଦେଇଛନ୍ତି । ସେ ଅନେକଙ୍କଠାରୁ ଭିନ୍ନ ଓ ଚର୍ଚ୍ଚିତ। ସେ ହେଉଛନ୍ତି ଜୟପୁରର ବି. ମନିଷା । ନିଜ ସ୍ୱାମୀ ପର କରିବା ପରେ ଅନ୍ୟର ସହାୟତାରେ ବଞ୍ଚିବା ଅପେକ୍ଷା ଦମ୍ଭର ସହ ପେଟ ପୋଷୁଛନ୍ତି।

ଜୟପୁର ଏନ.କେ.ଟି ରୋଡରେ ରୁହନ୍ତି ମନିଷା । ବୟସ ମାତ୍ର ୩୦ । ପରିବାର କହିଲେ ସେ ଓ ତାଙ୍କର ୬ ବର୍ଷର ପୁଅ ପୃଥ୍ୱିରାଜ। ବିବାହ ପରେ କିଛି ବର୍ଷ ହସଖୁସିରେ ଦିନ କଟିଥିଲା । ୪ ବର୍ଷ ତଳେ ତାଙ୍କ ସ୍ୱାମୀ କିଛି ନ କହି କେଉଁଆଡ଼େ ଚାଲି ଗଲେ । ବହୁତ ଖୋଜାଖୋଜି କଲେ ମନିଷା। ହେଲେ କୌଣସି ପତ୍ତା ପାଇ ନ ଥିଲେ । ଦୀର୍ଘ ୬ ମାସ ଧରି ସ୍ୱାମୀର ଅପେକ୍ଷା ବାଟକୁ ଚାହିଁ ରହିଲେ। ହେଲେ ସେ ଫେରିଲେ ନାହିଁ । ଧୀରେ ଧୀରେ ନିଜ ହୃଦୟକୁ ଦୃଢ କଲେ । ନିଜ ପୁଅକୁ କିପରି ମଣିଷ କରିବେ ସେ ନେଇ ଚିନ୍ତା କଲେ । ଘର ପାଖରେ ଏକ ଚା ଦୋକାନଟିଏ କଲେ। ସେଥିରୁ ଯାହା ରୋଜଗାର କଲେ ମା' ପୁଅ କଷ୍ଟେମଷ୍ଟେ ଚଳିଲେ । ପରେ ଘର ନିକଟ ପୁରାତନ ମନୋଜ କୁମାର ଥିଏଟର ପାର୍ଶ୍ୱରେ ଏକ ଠେଲାଗାଡ଼ିରେ ଛୋଟ ଜଳଖିଆ ଦୋକାନ କଲେ । ପ୍ରତ୍ୟେକ ଦିନ ମନିଷା ଭୋର ୪ଟାରୁ ଉଠି ଖାଦ୍ୟ ପ୍ରସ୍ତୁତ କରିବାରେ ଲାଗି ପଡ଼ନ୍ତି। ସକାଳ ୭ଟାରେ ଦୋକାନ ଖୋଲିଥାନ୍ତି ସେ । ପୁରି, ଇଡ଼ଲି, ଚକୁଳି, ୨ ପ୍ରକାର ଚଟଣି ଏବଂ ତରକାରୀ ପ୍ରଭୃତି ଖାଦ୍ୟ ସାମଗ୍ରୀ ବିକ୍ରି କରିଥାଆନ୍ତି । ଦୈନିକ ପ୍ରାୟ ୭ ଶହ ଟଙ୍କା ରୋଜଗାର କରନ୍ତି। ତାଙ୍କର ସୁସ୍ୱାଦ ଜଳଖିଆ ପାଇଁ ଦୂରଦୂରନ୍ତାରୁ ଲୋକେ ଏଠାରେ ଭିଡ଼ ଜମାଇଥାନ୍ତି । ତାଙ୍କର ଉତ୍ତମ ବ୍ୟବହାର ଯୋଗୁ ସେ ଗ୍ରାହକଙ୍କ ପ୍ରିୟପାତ୍ର ହୋଇପାରିଛନ୍ତି । ନିଜେ ଦି ଅକ୍ଷର ପାଠ ପଢି ନ ଥିବାରୁ କେତେ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ତାହା ହୃଦୟଙ୍ଗମ କରିଛନ୍ତି । ତେଣୁ ନିଜ ପୁଅକୁ ଉତ୍ତମ ଶିକ୍ଷା ଦେବା ଲାଗି ସ୍ଥାନୀୟ ଏକ ଇଂଲିଶ ମିଡ଼ିୟମ ସ୍କୁଲରେ ପଢାଉଛନ୍ତି । ବର୍ତ୍ତମାନ ସେ ଦ୍ୱିତୀୟ ଶ୍ରେଣୀରେ ପଢୁଛନ୍ତି । ତାଙ୍କୁ ସ୍କୁଲ କର୍ତ୍ତୃପକ୍ଷ ମଧ୍ୟ ସହାୟତା କରୁଥିବା କହିଛନ୍ତି ମନିଷା । ମାସିକ ୨ହଜାର ଟଙ୍କା ଦେଇ ଏକ ଭଡା ଘରେ ରହୁଛନ୍ତି। ତାଙ୍କୁ ସରକାରଙ୍କ ପକ୍ଷରୁ କୌଣସି ଭତ୍ତା ମିଳୁନାହିଁ। କେବଳ ମାସକୁ ୧୦ କିଲୋ ଚାଉଳ ମିଳୁଛି । ଭୂମିହୀନ ଜମି ନିମନ୍ତେ ଆବେଦନ କରିଛନ୍ତି। ସରକାର ଜମିଟିଏ ଯୋଗାଇ ଦେଲେ ମୁଣ୍ଡ ଗୁଞ୍ଜିବା ଲାଗି ଘରଟିଏ କରିବେ ବୋଲି ଆଶା ରଖିଛନ୍ତି ମନିଷା ।



ଦୋକାନରେ ବି. ମନୀଷା ।

## ବିଶ୍ୱ ମହିଳା ଦିବସ

# ପଲିଥିନମୁକ୍ତ ସହର ଗଠନ ଲକ୍ଷ୍ୟ

ଜୟପୁର,୭।୩ (ନି.ପ୍ର):ନିଜେ ସ୍ୱାବଲମ୍ବୀ ହୋଇ ଜୟପୁରକୁ ପଲିଥିନ ମୁକ୍ତ ସହର ଗଠନ କରିବା ପାଇଁ ୧୦ ମହିଳା ଅଣ୍ଟା ଭିଡିଛନ୍ତି । ୨୦୧୭ରେ ଜୟପୁର ସହରର ପାରାବେଡା ଅଞ୍ଚଳର ଉକ୍ତ ୧୦ ମହିଳା ମିଶି ମା' ସମଲେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିଥିଲେ । ୨୦୧୮ରେ ଜୟପୁର ପୌରପରିଷଦର ସହଯୋଗରେ ପେପରରେ ଠୁଙ୍ଗା ତିଆରି କରିବା ତାଲିମ ନେଇଥିଲେ । ସେହି ଦିନଠାରୁ କିରଣ ବାହାଦୁର, ମିନତି ନାୟକ, ଚିବିକା ହିୟାଲ. ପାର୍ବତୀ ମହାରଣା, କୁନି ମହାରଣା, ସାଇବାଣି ମହାରଣା, ପଦ୍ମା ବାହାଦୁର, ପି ନାଗାମଣି ବିମଳା ବୈରାଗୀ, କେ. ସବିତା ପାତ୍ର ନିଜ ଘର ସଂସାର କାମ ସାରି ଅପରାହ୍ନ ୨ ଟାରେ ଏସଏସଜି ଗ୍ରୁପ ସଭାପତି କିରଣ ବାହାଦୁରଙ୍କ ଘରେ ଏକାଠି ହୁଅନ୍ତି । ପେପର କେଜି ୧୭ ଟଙ୍କାରେ କିଣି ଠୁଙ୍ଗା ତିଆରି କରନ୍ତି । ଅଧା କିଲୋ, ୧ କେଜି, ୨ କେଜି ଓଜନର ସାମଗ୍ରୀ ଧରିବା ଭଳି ଠୁଙ୍ଗା ପ୍ରସ୍ତୁତ କରନ୍ତି ଏହି ମହିଳାମାନେ । ଦୈନିକ ୧୦ରୁ ୧୨ କେଜି ଠୁଙ୍ଗା ତିଆରି କରିଥାନ୍ତି । ପରେ ଏହାକୁ ବିକ୍ରି କରିବା ଲାଗି ବାହାରି ପଡ଼ନ୍ତି । ଠୁଙ୍ଗା କିଲୋ ପିଛା ୪୦ ଟଙ୍କା ଦରରେ ବିକ୍ରି କରନ୍ତି । ଏଥିସହ ଦୋକାନ ଦୋକାନକୁ ଯାଇ ପଲିଥିନ ବର୍ଜନ କରିବାକୁ ସଚେତନ କରନ୍ତି । ଏହି ପଲିଥିନ ଖାଇ ଗାଇଗୋରୁ ମୃତ୍ୟୁବରଣ କରୁଛନ୍ତି । ଏହାକୁ ଯେଉଁମାନେ ବ୍ୟବହାର କରୁଛନ୍ତି ସେମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । ତେଣୁ ପଲିଥିନ ମୁକ୍ତ ସହର ଗଠନ କରିବାକୁ ଲୋକଙ୍କୁ ସଚେତନ କରିଥାନ୍ତି । ଏଥିସହ ଘରୁ ବ୍ୟାଗ ନେଇ ଜିନିଷପତ୍ର ଆଣିବାକୁ ପରାମର୍ଶ ଦେଇଥାନ୍ତି ଏହି ମହିଳାମାନେ । ସେମାନଙ୍କ କହିବା କଥା ହେଲା, ଘରେ ବସି ବସି ସମୟ ନଷ୍ଟ କରିବା ଅପେକ୍ଷା ନିଜକୁ ଆତ୍ମନିର୍ଭରଶୀଳ କରିବା ଉଚିତ୍ । ପୌରପରିଷଦ ସହଯୋଗରେ ସ୍ଥାନୀୟ ଏକ ବ୍ୟାଙ୍କରୁ ୭୦ ହଜାର ଟଙ୍କା ଋଣ ଆଣିଛୁ। ସ୍ୱାମୀଙ୍କ ଉପରେ ନିର୍ଭର ନ କରି ଯାହା ରୋଜଗାର ହୁଏ ସେମାନେ ନିଜ ଖର୍ଚ୍ଚ ଉଠାଇଥାନ୍ତି ବୋଲି କହିଛନ୍ତି । ସମାଜକୁ ସୁସ୍ଥ ସୁନ୍ଦର ରଖିବା ଆମର କର୍ତ୍ତବ୍ୟ ବୋଲି ପ୍ରକାଶ କରିଛନ୍ତି ।



ମହିଳାମାନେ ଠୁଙ୍ଗା ପ୍ରସ୍ତୁତ କରୁଛନ୍ତି ।

# ହାଇକୋର୍ଟ ଜଷ୍ଟିସଙ୍କ କୋରାପୁଟ ଗସ୍ତ

## ନିର୍ମାଣାଧୀନ କୋର୍ଟ ଭବନ କଲେ ତଦାରଖ

ଜୟପୁର, ୭।୩ (ଡି.ଏନ.ଏ )

ହାଇକୋର୍ଟ ଜଷ୍ଟିସ କୃଷ୍ଣରାମ ମହାପାତ୍ର ଶନିବାର କୋରାପୁଟ ଗସ୍ତ କରିଛନ୍ତି। ସେ ଜୟପୁରସ୍ଥିତ ଜିଲା କୋର୍ଟ ପରିସରରେ ନିର୍ମାଣାଧୀନ ଜିଲା କୋର୍ଟ ଭବନର ତଦାରଖ କରିଥିଲେ। ଉକ୍ତ ଭବନ ନିର୍ମାଣରେ ବିଳମ୍ବ ଯୋଗୁ ବିଭିନ୍ନ ସମୟରେ କୋରାପୁଟ ଜିଲା ଗସ୍ତ ଅବସରରେ ହାଇକୋର୍ଟର ଜଷ୍ଟିସମାନେ ଏହାର ତଦାରଖ କରିବା ସହିତ ଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନିମନ୍ତେ ଆଲୋଚନା କରିଥାଆନ୍ତି। ଜଷ୍ଟିସ ମହାପାତ୍ର ପୂର୍ବାହ୍ନରେ ଜିଲା କୋର୍ଟ ପରିସରରେ ପହଞ୍ଚିଥିଲେ । ଜିଲା କୋର୍ଟ କାର୍ଯ୍ୟାଳୟରେ ଜିଲା ଜଜ୍ ବିମଳଚନ୍ଦ୍ର ଚାନ୍ଦ ଏବଂ ଅନ୍ୟ ଜଜ୍ଙ୍କ ସହିତ ଜଷ୍ଟିସ ଆଲୋଚନା କରିଥିଲେ । ଏଥିସହ ବିଭିନ୍ନ ମାମଲା ଏବଂ କାର୍ଯ୍ୟର ସମୀକ୍ଷା କରିଥିଲେ । ଏହାପରେ ଜଷ୍ଟିସ ମହାପାତ୍ର ଏବଂ ହାଇକୋର୍ଟ ରେଜିଷ୍ଟ୍ରାର ପ୍ରତାପ ପାତ୍ର ନିର୍ମାଣାଧୀନ ଜିଲା କୋର୍ଟ ଭବନର କାର୍ଯ୍ୟର ତଦାରଖ କରିଥିଲେ । ଜିଲା ଆଇନଜୀବୀ ସଂଘ କାର୍ଯ୍ୟାଳୟଠାରେ ଜଷ୍ଟିସ ମହାପାତ୍ର ଏବଂ ରେଜିଷ୍ଟ୍ରାର ପାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଜିଲା କୋର୍ଟରେ ରହିଥିବା ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ । ଏହି ଅବସରରେ ସଭାପତି ସୋରଜ ଦାଶ, ସମ୍ପାଦକ ରବୀନ୍ଦ୍ର ମହାପାତ୍ର, ଉପସଭାପତି ଶରତ ମାଝି, ସହସମ୍ପାଦକ ଗିରିଧର ଖରା, କୋଷାଧ୍ୟକ୍ଷ ହରିଶ ମୁଦୁଲି, ବରିଷ୍ଠ ସଦସ୍ୟ ଶଶାନନ୍ଦ ମିଶ୍ର, ମଦନମୋହନ ନାୟକ, ଦୀନବନ୍ଧୁ ଅଗ୍ରୱାଲ, ଆରତୀ ମହାନ୍ତି, ସନ୍ତୋଷ ସାହୁ, ଶିଶିର ମିଶ୍ର, ହରିହର କରସୁଧା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।





ଜଷ୍ଟିସ ଓ ଅନ୍ୟମାନେ ।

# ବାଇକ୍‌ରୁ ପଡ଼ି ଜଣେ ମୃତ

ଲମତାପୁଟ, ୭।୩ (ଡି.ଏନ.ଏ.)

କୋରାପୁଟ ଜିଲା ଲମତାପୁଟ ବ୍ଲକରେ ବାଇକରୁ ପଡି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ହୋଇଛନ୍ତି । ମୃତକ ଜଣକ ହେଲେ ଲମତାପୁଟ ବ୍ଲକ ଡାବୁଗୁଡା ପଞ୍ଚାୟତର କଡ୍ରିମାଳିପୁଟ ଗ୍ରାମର ରାଜୁ ମୁଦୁଲି (୧୭)।

କଡ୍ରିମାଳିପୁଟ ଗ୍ରାମର ଘେନୁ ମୁଦୁଲି (୧୭),ଦେବ କ୍ରିଶାନୀ (୧୫) ଓ ରାଜୁ ଏକ ବାଇକ ଯୋଗେ କୁମାରଗନ୍ଧଣା ପଞ୍ଚାୟତ ହିରାପୁଟ ଓ ପଞ୍ଚାଲ ଗ୍ରାମରେ ନାଚ ଦେଖିବା ନିମନ୍ତେ ରାତି ୭ଟାରେ ଯାଇଥିଲେ । ଦାଶପୁଟ ଗ୍ରାମ ନିକଟ ରେଳଲାଇନ ଓଭରବ୍ରିଜ ତଳେ ଏକ ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତାକଡ ଏକ ନାଳରେ ପଡିଯାଇଥିଲେ। ସ୍ଥାନୀୟ ଯୁବକ ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ସମୟରେ ରାଜୁଙ୍କ ମୃତ୍ୟୁ ହୋଇଥିଲା । ଘେନୁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ହେତୁ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି । ଦେବ ସାମାନ୍ୟ ଆହତ ହୋଇଥିବାରୁ ପ୍ରାଥମିକ ଚିକିତ୍ସା ପରେ ଘରକୁ ଛାଡି ଦିଆଯାଇଛି ।

# ଗୋବର୍ଦ୍ଧନମୁଣ୍ଡା ପୋଖରୀର ଉନ୍ନତୀକରଣ ଆରମ୍ଭ



ଜେସିବି ସାହାଯ୍ୟରେ ପୋଖରିକୁ ସଫା କରାଯାଉଛି ।

ଜୟପୁର, ୭।୩ (ଡି.ଏନ.ଏ )

କୋରାପୁଟ ଜିଲା ଜୟପୁର ପୌରସଂସ୍ଥା ପକ୍ଷରୁ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଗୋବର୍ଦ୍ଧନମୁଣ୍ଡା ପୋଖରୀର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ୧ କୋଟି ୬୪ ଲକ୍ଷ ଟଙ୍କା ବ୍ୟୟରେ ଏହାର ସୌନ୍ଦର୍ଯ୍ୟକରଣ କରାଯିବ । କେବଳ ପୋଖରୀରୁ ପାଣି ଉଦ୍ଧାର ଏବଂ ଦଳ ସଫେଇ ନିମନ୍ତେ ୧୭ ଲକ୍ଷ ଟଙ୍କା, ପୋଖରୀ ଚାରିପାଖରେ ବିଦ୍ୟୁତ ଲାଇଟ ନିମନ୍ତେ ୧୨ ଲକ୍ଷ ଏବଂ ପାଦଚଳା ସିମେଣ୍ଟ ଇଟା ରାସ୍ତା, ମହିଳା ଓ ପୁରୁଷଙ୍କ ପାଇଁ ୪ଟି ଶୌଚାଳୟ ସମେତ ପଥର ପ୍ୟାକିଂ, କଂକ୍ରିଟ ପ୍ରଭୃତି ନିର୍ମାଣ ହେବ। ଏଥିନେଇ ଟେଣ୍ଡର ଏବଂ ଚୁକ୍ତିନାମା ଶେଷ ହୋଇଛି । ସେହିପରି ଏହାର ଚାରିପାଖରେ ସୌନ୍ଦର୍ଯ୍ୟକରଣ ଗଛ ଏବଂ ଶିଶୁଙ୍କ ପାଇଁ ବିଭିନ୍ନ ଖେଳ ସାମଗ୍ରୀ ରଖାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ସାମନ୍ତରାୟ ପ୍ରକାଶ କରିଛନ୍ତି। ସେହିପରି ଖଜୁରୀବନ୍ଧ ନିମନ୍ତେ ଏକ କୋଟି ୧୬ ଲକ୍ଷ ଏବଂ ନୀଳକଣ୍ଠ ସାଗର ନିମନ୍ତେ ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅଟକଳ କରାଯାଇ ସରକାରଙ୍କ ମଞ୍ଜୁର ନିମନ୍ତେ ପ୍ରେରଣ କରାଯାଇଥିବା ଜଣାଯାଇଛି ।

# ଶିଶୁଙ୍କୁ କାର୍ଯ୍ୟରେ ଲଗାଇଲେ ହେବ କାର୍ଯ୍ୟାନୁଷ୍ଠାନ

କୁନ୍ଦୁରା,୭।୩(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦର ମହକୁମାସ୍ଥିତ ମଇଦାନଠାରେ ଜିଲାସ୍ତରୀୟ ନିର୍ମାଣ ଶ୍ରମିକ ସେବା ସପ୍ତାହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଡେପୁଟି ଲେବର କମିଶନର ଗୀତାଞ୍ଜଳି ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ହସ୍ତତନ୍ତ ଏବଂ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, କୋରାପୁଟ ବିଧାୟକ ରଘୁରାମ ପାଡ଼ାଲ, ପଞ୍ଚାୟତ ସମିତି ଅଧକ୍ଷ ସୁରେନ୍ଦ୍ର ପରଜା, ବ୍ଲକ ନିର୍ମାଣ ଶ୍ରମିକ ସଂଘ ସଭାପତି ସଞ୍ଜୟ ସାହୁ, ଜିଲା ବିଜୁ ଶ୍ରମିକ ସଂଘ ସଭାପତି ବାଲା ରାୟ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ନେହପ୍ରଭା ମାଝି, ଜିଲାପରିଷଦ ସଭାପତି ଲକ୍ଷ୍ମୀ ମିନରବାଲିଆ, ଧନିରାମ ବାରିକ ଏବଂ ଜିଲାଶ୍ରମ ଅଧିକାରୀ ପ୍ରସନ୍ନ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟତଃ ଏଠାରେ କୁଶଳି ଏବଂ ଅଣକୁଶଳି ଶ୍ରମିକଙ୍କ ରୋଜଗାର ନିୟମ ଏବଂ ଶିଶୁଙ୍କୁ ଶ୍ରମିକ ଭାବେ କାମ କରାଇଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବିଭିନ୍ନ ସମୟରେ କାଜୁ ମିଲ୍ ଓ ହୋଟେଲଗୁଡିକରେ ଶିଶୁମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ସହ ନିର୍ଯାତନା ଦିଆଯାଉଛି । ଶ୍ରମ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରାଯାଉଛି। ଆଗାମୀ ଦିନରେ ଏଗୁଡିକ ପ୍ରତି ସଚେତନତା କରିବା ନେଇ ଶ୍ରମ ଅଧିକାରୀ କହିଥିଲେ । ଏହି ଅବସରରେ ସହାୟତା ରାଶି ପ୍ରଦାନ କରାଯାଇଥିଲା । ୧୪୧୩ ଜଣଙ୍କୁ ଶିକ୍ଷା ସହାୟତା ବାବଦରେ ୫୯ ଲକ୍ଷ ୪୬ ହଜାର ୪୦୦ ଟଙ୍କା ପ୍ରଦାନ କରାଯାଇଥିଲା । ସେହିପରି ୩୨ ଜଣଙ୍କୁ ୧୪ ଲକ୍ଷ ୩୨ ହଜାର ଟଙ୍କା ବିବାହ ସହାୟତା, ୨୬ ମହିଳାଙ୍କୁ ୨ ଲକ୍ଷ ୬୦ ହଜାର ଟଙ୍କା ପ୍ରସୂତିକାଳୀନ ସହାୟତା ଏବଂ ମୃତ୍ୟୁକାଳୀନ ଏବଂ ଅନ୍ତେଷ୍ଟି କ୍ରିୟା ବାବଦକୁ ୬୬ ଜଣଙ୍କୁ ୫୮ ଲକ୍ଷ ୬୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାଦେବ ଶୋଭା ସୁନ୍ଦର, ଆର୍‌ଆଇଆଇ ପଦ୍ମଚରଣ ପଣ୍ଡା, ପୂର୍ଣ୍ଣିମା ଡୁକା ଏବଂ ଡବ୍ଲ୍ୟୁସି ଏ ହରିପ୍ରସାଦ ଉପସ୍ଥିତ ଥିଲେ । ପରେ ମନ୍ତ୍ରୀ ଓ ଏମ୍‌ପି କୁନ୍ଦୁରା ବ୍ଲକର ସୀମାନ୍ତ ତଥା ଉପାନ୍ତ ରାଣିଗୁଡା ଗ୍ରାମପଞ୍ଚାୟତ ସଦରର ଆୟୋଜିତ ମଶାରି ବଣ୍ଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଠାରେ ମୋଟ ୪୧୩୭୭ ମଶାରି ବଣ୍ଟନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଦେବାଶିଷ ତ୍ରିପାଠୀ, ଫାର୍ମାଶିଷ୍ଟ ଯୋଗ ଦେଇଥିଲେ ।



କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

# ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ବୀମାଭୁକ୍ତ କଲା କେସିସି ବ୍ୟାଙ୍କ

ଜୟପୁର,୭।୩(ନି.ପ୍ର/ଡ଼ି.ଏନ.ଏ)

ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଜୀବନବୀମା ପ୍ରଦାନ କରିବା ପାଇଁ କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଓ ଭାରତୀୟ ଜୀବନ ବୀମା ନିଗମ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ ବ୍ୟାଙ୍କର ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ଜୀବନ ବୀମା ନିଗମକୁ ୧,୨୨,୯୧୦ ଟଙ୍କା ପ୍ରଦାନ କରି ଜିଲାର ୩୮୦ ସ୍ୱୟଂ ସହାୟକ ଗୋଷ୍ଠୀର ୩୬୫୦ ମହିଳାଙ୍କର ୩୨୦.୦୮ ଲକ୍ଷ ଟଙ୍କାର ବୀମା କରିଛି । ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କର ଦୀର୍ଘ ଦିନର ଦାବି ପୂରଣ ହେଲା ବୋଲି ବ୍ୟାଙ୍କ ସଭାନେତ୍ରୀ ଇନ୍ଦିରା ନନ୍ଦ କହିଥିଲେ । ଚଳିତ ଆର୍ଥିକ ବର୍ଷରେ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ୮୩୩ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ୭୭୬.୪୭ ଲକ୍ଷ ଟଙ୍କା ଋଣ ପ୍ରଦାନ କରିଛି । ମହିଳାମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ବ୍ୟାଙ୍କରୁ ଋଣ ନେଇ ଆତ୍ମନିର୍ଭରଶୀଳ ହେବା ପାଇଁ କହିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ପରିଚାଳନା ପରିଷଦ ସଦସ୍ୟ ରମାକାନ୍ତ ରାଉଳ, ବ୍ୟାଙ୍କ ସମ୍ପାଦକ ଅନନ୍ତ ସାମଲ ଓ ଭୁବନେଶ୍ୱରରୁ ଆସିଥିବା ଭାରତୀୟ ଜୀବନ ବୀମା ନିଗମର ବରିଷ୍ଠ ଅଧିକାରୀ ରମାକାନ୍ତ ମହାନ୍ତ, କ୍ଷୀରୋଦ କୁମାର ମହାପାତ୍ର ଉପସ୍ଥିତ ଥିଲେ ।





ବୈଠକରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ ।

# ସପ୍ତଦୋଳ ପାଇଁ ଜୟପୁର ସହର ଉତ୍ସବମୁଖର

- ସହର ପରିକ୍ରମା କରୁଛି ରାଧାକୃଷ୍ଣଙ୍କ ବିମାନ
- ଆଜି ହେବ ହଳ ପୋଡ଼ି

ଜୟପୁର,୭।୩(ନି.ପ୍ର)

ସପ୍ତଦୋଳ ଉତ୍ସବ ପାଇଁ ସମଗ୍ର ଜୟପୁର ସହର ମୁଖରିତ ହୋଇ ଉଠିଛି । ଗତ ଗୁରୁବାରଠାରୁ ଦୋଳଯାତ୍ରା ଅବସରରେ ରାଧାକୃଷ୍ଣଙ୍କ ଛୋଟ ଛୋଟ ବିମାନ ସହର ପରିକ୍ରମା କରୁଛି । ଫାଲଗୁନ ମାସ ଶୁକ୍ଳପକ୍ଷ ଦଶମୀ ଦିନଠାରୁ ସହରରେ ଥିବା ଜଗନ୍ନାଥ ମନ୍ଦିର, ନାରାୟଣ ମନ୍ଦିର, ରଘୁନାଥ ମନ୍ଦିର, ଚୈତନ୍ୟ ମନ୍ଦିର ଏବଂ କୁଞ୍ଜବିହାରୀ ମନ୍ଦିରରୁ ବିମାନମାନ ବାହାରି ରଜାନହରସ୍ଥିତ ରଘୁନାଥ ମନ୍ଦିର ନିକଟରେ ଏକତ୍ରିତ ହୋଇଥିଲେ। ସେଠାରେ ସମସ୍ତ ବିମାନକୁ ପୂଜା ପାଠ, ଭୋଗ ଲାଗି କରାଯାଇଛି । ପରେ ଝାଞ୍ଜ, ଖୋଳ, କରତାଳ, ନାଗରା, ମହୁରି ,ଘଣ୍ଟ ବାଦ୍ୟ ମଧ୍ୟରେ ବିମାନଗୁଡିକ ସହର ପରିକ୍ରମା କରୁଛି। ଦଶମୀ ଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ ବିମାନଗୁଡିକ ସହର ପରିକ୍ରମା କରାଯାଇଥିଲା। ରବିବାର ସହରର ବାଙ୍କମଠଠାରେ ହଳପୋଡି ଉତ୍ସବ ଅନୁଷ୍ଠିତ ହେବ। ହଳ ପୋଡି ନିକଟରେ ବିମାନଗୁଡିକ ୯ ଥର ପରିକ୍ରମା କରାଯିବ। ବିମାନଗୁଡିକ ମନ୍ଦିରକୁ ଫେରିଯିବା ପରେ ଆସନ୍ତା ୯ ତାରିଖରେ ଚୈତନ୍ୟ ମନ୍ଦିରରେ ନୂତନ ବର୍ଷର ପଞ୍ଜିକା ପାଠ କରାଯିବ । ୪ଟି ବିମାନ ସହର ପରିକ୍ରମା କରୁଥିବା ବେଳେ ଶେଷ ଦିନ ହୋଲିଖେଳରେ ରଘୁନାଥଙ୍କ ବିମାନ ସହର ପରିକ୍ରମା କରିବ । ଉକ୍ତ ଦିନ ସହରବାସୀ ରଙ୍ଗଖେଳରେ ମାତିଯାଇଥାନ୍ତି । ଏହି ସବୁ କାର୍ଯ୍ୟକ୍ରମକୁ ଦେବୋତ୍ତର ବିଭାଗ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି।



ବିମାନଗୁଡ଼ିକ ସହର ପରିକ୍ରମା କରୁଛି ।

# ପଞ୍ଚାୟତ କାର୍ଯ୍ୟାଳୟ ଘେରିଲା ଆଦିବାସୀ ଅଧିକାର ମଞ୍ଚ

କୋରୁକୋଣ୍ଡା,୭।୩ (ଡି.ଏନ.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତାରଲାକୋଟା ପଞ୍ଚାୟତର ପୁଷ୍ପାଲି ଆଦିବାସୀ ଅଧିକାର ମଞ୍ଚ ପକ୍ଷରୁ ଶନିବାର ବିଭିନ୍ନ ସମସ୍ୟା ନେଇ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ଅବସରରେ ଗ୍ରାମବାସୀ ସରପଞ୍ଚ ସୋମନାଥ ବାରସେଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯେବେଠାରୁ ପଞ୍ଚାୟତ ଅଧିକାରୀ ନରସିଂହ ପାଠୀ ପଞ୍ଚାୟତକୁ ଆସିଲେଣି ସେବେଠାରୁ ସେ ମନମୁଖି କାର୍ଯ୍ୟ

- ପିଇଓଙ୍କ ବିରୋଧରେ ଅଭିଯୋଗ ଆଣିଲେ
- ଭତ୍ତା ବଣ୍ଟନ ବେଳେ ବୃଦ୍ଧାବୃଦ୍ଧଙ୍କୁ ଗାଳିଗୁଲଜ କରୁଛନ୍ତି
- ପଞ୍ଚାୟତରେ ହେଉନି କୌଣସି ଉନ୍ନୟନମୂଳକ କାର୍ଯ୍ୟ

କରୁଛନ୍ତି। ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ବାର୍ଦ୍ଧକ୍ୟ ଭତ୍ତା ଦେବା ସମୟରେ ପଞ୍ଚାୟତ ଅଧିକାରୀ ପାଠୀ ବୃଦ୍ଧାବୃଦ୍ଧଙ୍କୁ ଗାଳିଗୁଲଜ କରିଦୁର୍ବ୍ୟବହାର କରୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ପାଠୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଲାଞ୍ଚ ନେଇ ଘର ଯୋଗାଉଛନ୍ତି। ପ୍ରାୟ ୩ ବର୍ଷ ହେବ ତାରଲାକୋଟା ପଞ୍ଚାୟତକୁ କୌଣସି ଉନ୍ନୟନମୂଳକ କାର୍ଯ୍ୟ ଆସୁନାହିଁ। ଗରିବ ଶ୍ରେଣୀର ମୃତ ବ୍ୟକ୍ତିଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ସହାୟତା ମିଳୁନି। ସେ ଟଙ୍କା କୁଆଡେ ଯାଉଛି ବୋଲି ପଞ୍ଚାୟତବାସୀ ପ୍ରଶ୍ନ ଉଠାଇଛନ୍ତି। ୱାର୍ଡମେମ୍ବରଙ୍କ ଅନୁପସ୍ଥିତିରେ ବୈଠକ କରାଯିବା, ଏପର୍ଯ୍ୟନ୍ତ ୨ଶହରୁ ଊର୍ଦ୍ଧ୍ୱ ଲୋକ ଆଧାର କାର୍ଡ ପାଇନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ମାସିକ ଚାଉଳ ବଣ୍ଟନରେ ଅନିୟମିତତା କରାଯିବା ସହ ଧାର୍ଯ୍ୟ ତାରିଖରେ ଭତ୍ତା ମିଳୁନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଏଲଇଡି ବଲ୍ବ ଆସି ପଞ୍ଚାୟତ କାର୍ଯ୍ୟାଳୟରେ ଥିଲେ ମଧ୍ୟ ରାଶନ କାର୍ଡଧାରୀଙ୍କୁ ପ୍ରଦାନ କରାଯାଉନାହିଁ। ସରପଞ୍ଚ ବାରସେ ମଧ୍ୟ କୌଣସି ଗ୍ରାମକୁ ଯାଇ ଲୋକମାନଙ୍କ ସୁବିଧା ଅସୁବିଧା ବୁଝୁ ନ ଥିବା ଅଭିଯୋଗ ହେଉଛି। ଆଗାମୀ ଦିନରେ ଯଦି ଏହାର କିଛି ପ୍ରତିକାର କରା ନ ଯାଏ ତେବେ ମଞ୍ଚ ଆନ୍ଦୋଳନ କରିବ ବୋଲି ସଂଘ ସଭାପତି ଅର୍ଜୁନ ଲକେଇ, ସମ୍ପାଦକ ବୁଦ୍ଧୁ ମାଝି, ଘେନୁ ମୁଦୁଲି, ନିରଞ୍ଜନ ଗୁଣ୍ଡା, କିଶୋର ଗୋଲୋରୀ, ଲବ ଖିଲ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପିଇଓଙ୍କ ସହ ଯୋଗାଯୋଗ କରାଯାଇଥଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା ।


ମଞ୍ଚ ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରାଯାଇଛି।

## ସଂକ୍ଷେପରେ

### ନାବାଳିକାଙ୍କ ଆତ୍ମହତ୍ୟା

କାଲିମେଳା,୭।୩(ଡି.ଏନ.ଏ.)- ମାଲକାନଗିରି ଜିଲା କାଲିମେଳା ବ୍ଲକ ଏମଭି-୭୯ ଥାନା ଅନ୍ତର୍ଗତ ଭୁବନପାଲି ପଞ୍ଚାୟତର ଏମଭି-୯୬ ଗ୍ରାମରେ ଜଣେ ନାବାଳିକା ନିଜ ଘରେ ବେକରେ ଗାମୁଛା ବାନ୍ଧି ଶନିବାର ଆତ୍ମହତ୍ୟା କରିଛନ୍ତି। ଖବରରୁ ଜଣାପଡିଛି ଯେ ଏମଭି-୯୬ ଗ୍ରାମର ଏହି ନାବାଳିକା (୧୭) ଜଣକ ପାରିବାରିକ କଳହକୁ ନେଇ ଏପରି କରିଥିବା ଜଣାପଡିଛି। ଖବର ପାଇ ଏମଭି-୭୯ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି ।

### ଗଞ୍ଜେଇ ଜବତ, ୨ ଗିରଫ




କୋରୁକୋଣ୍ଡା,୭।୩ (ଡି.ଏନ.ଏ.)- ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ଫାଣ୍ଡି ଅନ୍ତର୍ଗତ ତୁମରକୋଣ୍ଡା ଛକରେ ଥିବା ଯାତ୍ରୀ ବିଶ୍ରାମଗାରରେ ଅପେକ୍ଷା କରିଥିବା ୨ଯୁବକଙ୍କଠାରୁ ପୋଲିସ ୪୧ କିଲୋ ୮୫୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଉଭୟଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବାଲିମେଳା ସହର ଝାଟିମାଟି ଲାଇନର ଲକ୍ଷ୍ମଣ ପାଙ୍ଗି(୨୦) ଏବଂ ବାଲିମେଳା ସହରର ଡ୍ରଗ ଲାଇନର ଆକାଶ ଖରା (୨୧)। ପୋଲିସ ସୂଚନା ମୁତାବକ ଶୁକ୍ରବାର ରାତି ୯ଟା୪୦ରେ ଏଏସଆଇ କୃତ୍ତିବାସ ବେହେରା କର୍ମଚାରୀଙ୍କ ସହ ପାଟ୍ରୋଲିଂ କରୁଥିବା ସମୟରେ ଲକ୍ଷ୍ମଣ ଏବଂ ଆକାଶ ଦୁଇଟି ବ୍ୟାଗ ଧରି ତୁମରକୋଣ୍ଡା ଯାତ୍ରୀ ବିଶ୍ରାମଗାରଠାରେ କାହାକୁ ଅପେକ୍ଷା କରିଥିଲେ। ସେମାନଙ୍କୁ ଦେଖି ପୋଲିସ ସନ୍ଦେହରେ ଏଠାରେ କ'ଣ କରୁଛ, ବ୍ୟାଗରେ କ'ଣ ଧରଛ ବୋଲି ପଚାରିଥିଲେ। ସେମାନଙ୍କ କଥାବାର୍ତ୍ତାରେ ତାଳମେଳ ନ ରହିବାରୁ ପୋଲିସ ବ୍ୟାଗ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ମିଳିଥିଲା। ପରେ ଉଭୟଙ୍କୁ ଗିରଫ କରି ଓର୍କେଲ ଥାନାକୁ ଅଣାଯାଇଥିଲା। ସେମାନଙ୍କୁ ପଚରାଉଚରା ବେଳେ ଏଥିରେ ଅନ୍ୟ କେତେକ ବ୍ୟକ୍ତି ସାମିଲ ଥିବା ଜଣାପଡିଛି। ଏହି ଚୋରା ଗଞ୍ଜେଇକୁ ସେମାନେ ବାଲିମେଳାରୁ ବିଶାଖାପାଟଣାକୁ ପଠାଉଥିବା ପଚରାଉଚରା ବେଳେ ଜଣାପଡିଛି ବୋଲି ତଦନ୍ତକାରୀ ଅଧିକାରୀ ନୀଳାଦ୍ରି ବିଶ୍ୱାଳ କହିଛନ୍ତି। କେସ୍ ନଂ. ୪୯/୨୦ରେ ଏକ ମାମଲା ରୁଜୁ କରି ଶନିବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ଜଗଦୀଶ ବାରା ସୂଚନା ଦେଇଛନ୍ତି।

### ବିଏସ୍ଏଫ୍ ପକ୍ଷରୁ ଛତା, ଔଷଧ ବଣ୍ଟନ

ପଡିଆ,୭।୩(ଡି.ଏନ୍.ଏ.)-ମାଲକାନଗିରି ଜିଲା ପଡିଆ ଥାନା ଅନ୍ତର୍ଗତ ୭୬ ବିଏସ୍ଏଫ୍ ବାଟାଲିୟନ ପକ୍ଷରୁ ଶନିବାର ପଡିଆ ପଞ୍ଚାୟତର ପାମ୍‌ଗେଟା ପ୍ରାଥମିକ ବିଦ୍ୟାଳୟ ପରିସରରେ ପଞ୍ଚାୟତ ଅଧୀନ ଗ୍ରାମଗୁଡିକର ପ୍ରତ୍ୟେକ ପରିବାରକୁ ଔଷଧ ଓ ଛତା ଛତା ବଣ୍ଟନ କରାଯାଇଛି। ଏହି ସମୟରେ ସରପଞ୍ଚ ମମତା କରସ୍ତା ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ରମେଶ ଯାଦବ, ସମ୍ମାନିତ ଅତିଥି ସରପଞ୍ଚ ମମତା କରସ୍ତା, ଏଲ୍ ତିରୁପତି ରାଓଙ୍କ ସହ ୱାର୍ଡମେମ୍ବରମାନେ ଉପସ୍ଥିତ ଥିଲେ।

### ବାର୍‌ହା ଆକ୍ରମଣରେ ଦମ୍ପତି ଆହତ

ଭଞ୍ଜନଗର,୭।୩(ଡି.ଏନ.ଏ.): ମୁଜାଗଡ଼ ରେଞ୍ଜ କୁରୁମପଡ଼ାଳରେ ଶନିବାର ସକାଳ ପ୍ରାୟ ସାଢ଼େ ୮ଟାରେ ବାର୍‌ହା ଆକ୍ରମଣରେ ଜଣେ ଦମ୍ପତ୍ତି ଆହତ ହୋଇଛନ୍ତି। ସେମାନେ ହେଲେ କୁନି ସେଠୀ ଓ ଆକୁଳ ସେଠୀ। ଆହତଦ୍ୱୟଙ୍କୁ ପରିବାର ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ପ୍ରକାଶ ଯେ, କୁନି ଶନିବାର ସକାଳେ ନଦୀକୁ ଗାଧୋଇବାକୁ ଯାଉଥିଲେ। ଏହି ସମୟରେ ବୁଦା ଭିତରେ ଥିବା ଏକ ବାର୍‌ହା ତାଙ୍କୁ ଆକ୍ରମଣ କରିଥିଲା। ନିକଟରେ ଥିବା ସ୍ୱାମୀ ଆକୁଳ ମଧ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଆହତ ହୋଇଥିଲେ। ଉତ୍ତର ଘୁମୁସର ବନଖଣ୍ଡରେ ଦିନକୁ ଦିନ ବାର୍‌ହା ଆକ୍ରମଣ ସଂଖ୍ୟା ବଢ଼ିବାରେ ଲାଗିଛି।

# କଂଗ୍ରେସରୁ ଇସ୍ତଫା ଦେଲେ ୨ କାଉନସିଲର

କୋରୁକୋଣ୍ଡା, ୭।୩(ଡି.ଏନ.ଏ.)

ମାଲକାନଗିରି ଜିଲା ବାଲିମେଳା କଂଗ୍ରେସରେ ଶନିବାର ଗୋଷ୍ଠୀ କନ୍ଦଳ ପଦାରେ ପଡ଼ିଛି। ପରିସ୍ଥିତି ଏପରି ହୋଇଥିଲା ଯେ, ଦଳର ୨ଜଣ କାଉନସିଲର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ନଗର କଂଗ୍ରେସର ଏହି ଦୁଇ କାଉନସିଲର ହେଲେ ୬ ନମ୍ବର ୱାର୍ଡର କାଉନସିଲର କୃଷ୍ଣ ବାଘ ଏବଂ ୭ ନମ୍ବର ୱାର୍ଡର କାଉନସିଲର ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ। ଉଭୟେ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ବାଘ ଆଜିକୁ ଦୀର୍ଘ ୨୦ ବର୍ଷ ହେବ କଂଗ୍ରେସ ପାଇଁ କାମ କରି ଆସିଛନ୍ତି। ରାଜ୍ୟରେ ବିଜେଡି ସରକାର ଥାଇ ମଧ୍ୟ ସେ ୩ଥର କଂଗ୍ରେସରୁ କାଉନସିଲର ଭାବେ ଜିତିଛନ୍ତି। ତେବେ ଇସ୍ତଫା ସମ୍ପର୍କରେ ବାଘ କହିଛନ୍ତି ଯେ, ଦଳ ତାଙ୍କୁ ବାରମ୍ବାର ଅଣଦେଖା କରିବାରୁ ଶେଷରେ ସେ ବାଧ୍ୟ ହୋଇ ଏପରି ନିଷ୍ପତ୍ତି ନେଇଛନ୍ତି। କାଉନସିଲର ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ମଧ୍ୟ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, କଂଗ୍ରେସ ଦଳରେ ପୂର୍ବରୁ ଯେପରି ମିଳିମିଶି କାମ କରୁଥିଲେ ବର୍ତ୍ତମାନ ସେଭଳି ପରିସ୍ଥିତି ଆଉ ନାହିଁ। ବର୍ତ୍ତମାନ ଜିଲା କଂଗ୍ରେସ ସଭାପତି ଥିବା ଗୋବିନ୍ଦ ପାତ୍ର କଂଗ୍ରେସକୁ ଚଳାଉଛନ୍ତି। ସେ ଦଳରେ ମନମୁଖି ଶାସନ ଚଳାଉଥିବା ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଜିଲା ସଭାପତି ପାତ୍ରଙ୍କ ଯୋଗୁ ଆଜି ଜିଲା କଂଗ୍ରେସ ସୁଦୃଢ଼ ନାହିଁ। ଦଳର ଟାଣୁଆ ନେତାମାନେ କଂଗ୍ରେସ ଛାଡି ଅନ୍ୟ ଦଳ ମୁହାଁ ହେଉଛନ୍ତି ବୋଲି ସେ ଆରୋପ ଲଗାଇଛନ୍ତି। ଆଜି ଯଦି କଂଗ୍ରେସ ଜିଲା ଏବଂ ବାଲିମେଳା ନଗରରେ ବୁଡିବାକୁ ବସିଛି ସେଥିପାଇଁ ଜିଲା ସଭାପତି ପାତ୍ର ଏବଂ ନଗର ସଭାପତି ସୁରେଶ ଖୋସଲା ଦାୟୀ ବୋଲି ଦୁଇ କାଉନସିଲର ଅଭିଯୋଗ କରିଛନ୍ତି। ଏଥିସହ ଦୀର୍ଘ ୨୨ ବର୍ଷ ଧରି କଂଗ୍ରେସରେ କାର୍ଯ୍ୟ କରୁଥିବା ଏମ. ସରିଫ ମଧ୍ୟ ଦଳରୁ ଇସ୍ତଫା ଦେଇଛନ୍ତି। ଦଳରେ ହେଉଥିବା କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରି ସେ ଇସ୍ତଫା ଦେଇଥିବା ଜଣାପଡିଛି। ତେବେ ଦୁଇ କାଉନସିଲରଙ୍କ ଏପରି ନିଷ୍ପତ୍ତି କଂଗ୍ରେସରେ କିଛି ପ୍ରଭାବ ପକାଇବ ନାହିଁ ବୋଲି ନଗର ସଭାପତି ଖୋସଲା କହିଛନ୍ତି। ଅନ୍ୟପକ୍ଷରେ ଆଗକୁ ପୌର ନିର୍ବାଚନ ଥିବାବେଳେ ବାଲିମେଳା କଂଗ୍ରେସରେ ଦୁଇ କାଉନସିଲରଙ୍କ ସମେତ ଜଣେ ସମର୍ଥକଙ୍କ ଇସ୍ତଫା ଦଳ ପାଇଁ ସମସ୍ୟା ସୃଷ୍ଟି କରିପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।


ଖବରଦାତା ସମ୍ମିଳନୀରେ ଇସ୍ତଫା ସମ୍ପର୍କରେ ସୂଚନା ଦେଉଛନ୍ତି ୨ କାଉନସିଲର।

**ବାଲିମେଳା କଂଗ୍ରେସରେ ଗୋଷ୍ଠୀ କନ୍ଦଳ**
- ଦଳ ଅଣଦେଖା କରିବାରୁ ଇସ୍ତଫା ଦେଇଛି:ବାଘ
- ମନମୁଖି ଶାସନ ଚଳାଇଛନ୍ତି ଜିଲା ସଭାପତି

# ୫ ପଞ୍ଚାୟତରେ ବଣ୍ଟାଗଲା ମଶାରି

ଚିତ୍ରକୋଣ୍ଡା,୭।୩(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ୫ଟି ପଞ୍ଚାୟତରେ ଶନିବାର ଲୋକଙ୍କୁ ୧୨ହଜାର ୨୭୬ଟି ମଶାରି ବଣ୍ଟନ କରାଯାଇଛି। କୁଡୁମୁଲୁଗୁମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାଭିମାନ ଅଞ୍ଚଳର ୫ଟି ପଞ୍ଚାୟତରେ ମଶାରି ବଣ୍ଟନରେ ପାପରମେଟଲା, ରାଲେଗାଡା ଓ ଧୂଳିପୁଟ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ଆଶାକର୍ମୀଙ୍କ ସହ କେତେକ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କୃଷ୍ଣଚନ୍ଦ୍ର ବାସ୍କିଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ବିପିଏମ ହରପ୍ରସାଦ ତାରିଣୀ ଓ ସୁପରଭାଇଜର ଶଶାଙ୍କ ଶେଖର କର ପରିଚାଳନା କରିଥିଲେ।

# ମୋ ସ୍କୁଲ ଅଭିଯାନରେ ପ୍ରତିଷ୍ଠା ହେଲା ପାଠାଗାର

ମାଲକାନଗିରି,୭।୩ (ଡି.ଏନ.ଏ.)

ରାଜ୍ୟ ସରକାର ବିଦ୍ୟାଳୟଗୁଡ଼ିକର ଉନ୍ନତିପାଇଁ ଅର୍ଥଅନୁଦାନ ଦେଉଥିଲେ ମଧ୍ୟ ଏହି ଅର୍ଥ ବିଦ୍ୟାଳୟ ଉନ୍ନତିରେ ଯଥେଷ୍ଟ ହେଉନାହିଁ। ବିଦ୍ୟାଳୟର ଉନ୍ନତି ପାଇଁ ବିଦ୍ୟାଳୟର ପୂର୍ବତନ ଛାତ୍ରୀଛାତ୍ର, ସ୍ଥାନୀୟ ବ୍ୟବସାୟୀ, ଅଭିଭାବକ ଏବଂ ବୁଦ୍ଧିଜୀବୀମାନଙ୍କୁ ଭାଗିଦାର ଲାଗି ମୋ ସ୍କୁଲ ଯୋଜନା ଗତବର୍ଷଠାରୁ ଆରମ୍ଭ ହୋଇଛି। ଏହି ବଦାନ୍ୟ ବ୍ୟକ୍ତିମାନେ ସ୍ୱଇଚ୍ଛାରେ ବିଦ୍ୟାଳୟକୁ ଅର୍ଥ ସହାୟତା କଲେ ଯେତିକି ଅର୍ଥ ଉକ୍ତ ବିଦ୍ୟାଳୟକୁ ମିଳିବ ସରକାର ଦାନର ଦୁଇଗୁଣ ଅର୍ଥ ସେହି ବିଦ୍ୟାଳୟକୁ ଅନୁଦାନ ଦେବେ । ଫଳରେ ମୋ ସ୍କୁଲ ପରିଚାଳନା ଓ ଉନ୍ନତିରେ ସମସ୍ତେ ସାମିଲ ହୋଇପାରିବେ। ୧୯୮୯ରେ ପ୍ରତିଷ୍ଠିତ ମାଲକାନଗିରି ସଦର ବ୍ଲକ ପେଦାବାଡା ପଞ୍ଚାୟତ ବରଜା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଉନ୍ନତି ପାଇଁ ମୋ ସ୍କୁଲ ଅଭିଯାନର ଏକ ବୈଠକ ନିକଟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ରଙ୍କ ଅଭିଭାବକ, ପୂର୍ବତନ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟର ପୂର୍ବତନ ଛାତ୍ର ମାନସ ଦାସ ବୈଠକରେ ୧୦ ହଜାର ଟଙ୍କା ଅନୁଦାନ ଦେଇଥିଲେ। ବିଦ୍ୟାଳୟର ପାଠାଗାର ପାଇଁ ସେ ଏହି ଅର୍ଥ ଦେଇଥିଲେ। ବିଦ୍ୟାଳୟରେ ପାଠାଗାର ନ ଥିବାରୁ ଛାତ୍ରୀଛାତ୍ରମାନେ ବିଭିନ୍ନ ପାଠ୍ୟ ପୁସ୍ତକ ପଢିବାରୁ ବଞ୍ଚିତ ହେଉଥିଲେ। ସେ ୧୦ ହଜାର ଦେବା ପରେ ସରକାରଙ୍କଠାରୁ ୨୦ ହଜାର ଟଙ୍କା ମିଳିଥିଲା। ସେହି ଅର୍ଥରେ ମାନସଙ୍କ ବାପା ମୋହନ ଚରଣ ଦାସଙ୍କ ନାମରେ ଶନିବାର ବିଦ୍ୟାଳୟରେ ଏକ ପାଠାଗାର ପ୍ରତିଷ୍ଠା ହୋଇଛି। ଏହାକୁ ଗ୍ରାମର ବରିଷ୍ଠ ନାଗରିକ ଗୌରଚନ୍ଦ୍ର ବରଜା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନ ଶିକ୍ଷକ ସୁଲଭ ଚନ୍ଦ୍ର ନାୟକ,ଅବସରପ୍ରାପ୍ତ ଶିକ୍ଷକ ସୁବାସ ଚନ୍ଦ୍ର ନାୟକ, ଶିକ୍ଷକ ସୁରେଶ ଚନ୍ଦ୍ର ମଲ୍ଲିକ, ବିଜୟ କୁମାର ଦାସ, ଜୟଦେବ ହାଲଦାର, ବିଭୀଷଣ କପେ, ଜ୍ଞାନରଞ୍ଜନ ପ୍ରଧାନ, ସୁବ୍ରତ ରଣା, ନରସିଂହ କୁଟିଆ, ରାମଚନ୍ଦ୍ର ମାଡକାମି, ପ୍ରହ୍ଲାଦ ବରଜା, ଗୋପାଳ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜଳ ବିଦ୍ୟୁତ୍ ପ୍ରକଳ୍ପ କର୍ମଚାରୀ ସଂଘର ନୂଆ କର୍ମକର୍ତ୍ତା

କୋରୁକୋଣ୍ଡା, ୭।୩ (ଡି.ଏନ.ଏ.)

ମାଲକାନଗିରି ଜିଲା ବାଲିମେଳାସ୍ଥିତ ଓଡ଼ିଶା ଜଳ ବିଦ୍ୟୁତ୍ ପ୍ରକଳ୍ପ କର୍ମଚାରୀ ସଂଘର ବାର୍ଷିକ ନିର୍ବାଚନ ପ୍ରକ୍ରିୟା ଶନିବାର ଶେଷ ହୋଇଛି । ୨୦୨୦-୨୧ ପାଇଁ ଏହି ନିର୍ବାଚନ ହୋଇଥିଲା। ସଂଘ ସଦସ୍ୟମାନେ ଭୋଟ ଦେଇ କର୍ମକର୍ତ୍ତା ବାଛିଥିଲେ। ସଭାପତି ରୂପେ କାଶୀନାଥ ମଲିକ, ଉପ ସଭାପତି ଜୋସେଫ କୋଷ୍ଟର, ସାଧାରଣ ସମ୍ପାଦକ ମୁରଲୀ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଏସପି ଲେଙ୍କା, ସୁଜିତ ପାତ୍ର ଏବଂ କୋଷାଧ୍ୟକ୍ଷ ରୂପେ ଦାଶ ପୂଜାରୀ ମନୋନୀତ ହୋଇଛନ୍ତି । ଜଳ ବିଦ୍ୟୁତ କେନ୍ଦ୍ରର ବରିଷ୍ଠ ଅଧିକାରୀମାନେ ନିର୍ବାଚନ ପରିଚାଳନା କରିଥିଲେ।


ନିର୍ବାଚିତ ହୋଇଥିବା ସଂଘର ନୂଆ କର୍ମକର୍ତ୍ତା ।






# ଅଟୋକୁ ଧକ୍କା ଦେଲା ୪୦୭: ଜଣେ ମୃତ, ୪ ଗୁରୁତର


ଅଟୋକୁ ଧକ୍କା ଦେଇଥିବା ୪୦୭।

ମାଲକାନଗିରି,୭।୩ (ଡି.ଏନ.ଏ.)

ମାଲକାନଗିରି ସଦର ଥାନା ଅନ୍ତର୍ଗତ ପିଟାଗାଟା ଗ୍ରାମ ନିକଟରେ ଶନିବାର ଏକ ୪୦୭ ସହ ଅଟୋ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଚିଡିପାଲି ଗ୍ରାମର ମୁକା ମାଡକାମି। ୪ଜଣ ଗୁରୁତର ଆହତ ହୋଇଛନ୍ତି। ଖବରରୁ ଜଣାପଡିଛି ପିଟାଗାଟାରୁ ଏକ ଅଟୋ ଯୋଗେ ୮ଜଣ ଯାତ୍ରୀ ମାଲକାନଗିରି ଅଭିମୁଖେ ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଧାନ ବୋଝେଇ ୪୦୭ ଅଟୋକୁ ଧକ୍କା ଦେଇଥିଲା। ୪୦୭ ଡ୍ରାଇଭର ଅତ୍ୟଧିକ ମଦ୍ୟପାନ କରି ଭାରସାମ୍ୟ ହରାଇ ଅଟୋକୁ ଧକ୍କା ଦେଇଥିବା ଜଣାପଡିଛି। ଗୁରୁତର ଆହତ ହୋଇଥିବା ସୁବ୍ରତ ଭକ୍ତ, ସନ୍ତୋଷୀ ସୁନାନି, ସବ୍ୟା ଛତ୍ରିଆ ଓ ରାମେ ମାଡିଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ପରେ ସେମାନଙ୍କୁ ବିଶାଖାପାଟଣା ସ୍ଥାନାନ୍ତରିତ କରାଯାଇଛି। ଏସ୍ଆଇ ରୁଦ୍ରମାଧବ ମୁଦୁଲି ଘଟଣାର ତଦନ୍ତ କରୁଛନ୍ତି।

# ଖଇରପୁଟରେ ବିଜୁ ଜୟନ୍ତୀ

ଖଇରପୁଟ,୭।୩(ଡି.ଏନ.ଏ.)

ଖଇରପୁଟ ହାଟପଦା ପଡିଆଠାରେ ଶନିବାର ବିଜୁବାବୁଙ୍କ ୧୦୪ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ସଭାପତିତ୍ୱରେ ହୋଇଥିବା ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀ, ସମ୍ମାନିତ ଅତିଥି ରୂପେ ଏସଡିସିର ସଭାପତି ମାନସ ମାଡକାମୀ, ପୂର୍ବତନ ଏସଡିସି ସଭାପତି ଆଡମା ରାବା, ବିଜେଡି ସଭାନେତ୍ରୀ ପଦ୍ମିନୀ ମୁଦୁଲି, ବରିଷ୍ଠ କର୍ମୀ ଗୌରହରି ଶୁଗ୍ରି, ଯୁବନେତା ଜଗନ୍ନାଥ ମାଝି, ବିମ୍ବ କିର୍ଷାନୀ, ପ୍ରଭାକର ପ୍ରଧାନ, ସୁମନ ମୁଦୁଲି, ଭଗବାନ ସାହୁ, ଗୋପୀ ପାଙ୍ଗୀ, ଗଣେଶ ପୂଜାରୀ, ମହେଶ ବାକା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ବିଜେଡି ସଭାପତି ସାଧୁ ହନ୍ତାଳ ପରିଚାଳନା କରିଥିଲେ। ଜିଲା ବିଜେଡି ସଂଯୋଜକ ରାଜେନ୍ଦ୍ର ପଣ୍ଡା ଅତିଥି ପରିଚୟ ଦେଇଥିଲେ। ବିଧାୟକ ବାକା କହିଥିଲେ ଯେ, ଆଜି ଯେଉଁ ଗତିରେ ମାଲକାନଗିରି ଜିଲା ଅଗ୍ରଗତି କରୁଛି ତାହାର ମୁଖ୍ୟ କର୍ଣ୍ଣଧାର ହେଉଛନ୍ତି ଓଡିଶାର ବରପୁତ୍ର ବିଜୁ ପଟ୍ଟନାୟକ। କାରଣ ସେ ହିଁ ଓଡିଶାର ୧୩ ଜିଲାକୁ ୩୦ ଜିଲାରେ ପରିଣତ କରିଥିଲେ। ମୁଖ୍ୟଅତିଥି ପାଣିଗ୍ରାହୀ ବିଜୁବାବୁଙ୍କ ସ୍ମୃତିଚାରଣ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟ ଅତିଥିମାନେ ମଧ୍ୟ ବିଜୁବାବୁଙ୍କ ସମୟର ଶାସନ ବ୍ୟବସ୍ଥା ସମ୍ପର୍କରେ ମତ ରଖିଥିଲେ।

# ବାଲି ଚାଲାଣ ବେଳେ ୩ ଟ୍ରାକ୍ଟର, ୧ ଜେସିବି ଜବତ

କାଲିମେଳା,୭।୩(ଡି.ଏନ.ଏ.)

ବେଆଇନ ବାଲି ଚାଲାଣ କରୁଥିବା ୩ ଟ୍ରାକ୍ଟର ସମେତ ଗୋଟିଏ ଜେସିବି ଗାଡିକୁ କାଲିମେଳା ତହସିଲ ପକ୍ଷରୁ ଚଢାଉ କରାଯାଇ ଜବତ କରାଯାଇଛି । ତହସିଲଦାର ଅଲୋକ କୁମାର ଅନୁଗୁଳିଆଙ୍କ ନେତୃତ୍ୱରେ ରାଜସ୍ୱ ପରିଦର୍ଶକ ରାମକୃଷ୍ଣ ପଟ୍ଟନାୟକ, ଆରଆଇ ସୁରେଶ ପୂଜାରୀ,ଉଣ୍ଡୁକୋଣ୍ଡା ଆରଆଇ ସରୋଜ ସାମଲ ପ୍ରମୁଖ ଏମଭି-୬୮ ନିକଟରେ ଚଢାଉ କରି ଏହି ଗାଡିଗୁଡିକୁ ଜବତ କରିଥିଲେ। ଜବତ ଟ୍ରାକ୍ଟରଗୁଡିକ ଏମଭି-୬୨ ଗ୍ରାମର ସୁମନ ପାଲ,ଏମଭି-୬୮ ଗ୍ରାମର ବାପି କୟେଲ ଏବଂ ଗୌତମ ମିସ୍ତ୍ରିଙ୍କର ବୋଲି ଜଣାପଡିଛି । ଜେସିବିଟି ଏମଭି-୫୬ ଗ୍ରାମର ମହାରାଜ ବିଶ୍ୱାସଙ୍କର। ପ୍ରଶାସନର ବିନା ଅନୁମତିରେ ବାଲିଘାଟରୁ ବାଲି ଉଠାଉଥିବା ଖବର ପାଇ ଏହି ଚଢାଉ କରାଯାଇଥିଲା। ବାପି କୟେଲଙ୍କ ଗାଡିକୁ କାଲିମେଳା ଥାନା ଜିମା ଦେଇଛୁ। ଗାଡିମାଲିକମାନେ ତହସିଲରେ ରୟାଲିଟି ବାନ୍ଧିବା ପରେ ନିଜ ଗାଡି ନେଇପାରିବେ ବୋଲି ତହସିଲଦାର କହିଛନ୍ତି।


ଜବତ ବାଲି ବୋଝେଇ ଟ୍ରାକ୍ଟର।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ପର୍ଯ୍ୟାୟକ୍ରମେ ଜବରଦଖଲ ଉଚ୍ଛେଦ

**ଧରିତ୍ରୀ ପ୍ରଭାବ**

■ହୋଲି ଛୁଟି ପରେ ମାର୍କିଂ ପାଇଁ ନିର୍ଦ୍ଦେଶ

କାଶୀନଗର,୭।୩(ଡି.ଏନ୍.ଏ.)

ବାରମ୍ବାର ଦାବି ପରେ ବି କାଶୀନଗର ଏନ୍ଏସି ଅଞ୍ଚଳରେ ଜବରଦଖଲ ହଟୁ ନ ଥିବାବେଳେ ଏ ନେଇ ଗତ ୫ ତାରିଖରେ 'କାଶୀନଗରରେ ହଟୁନି ଜବରଦଖଲ, ବିକାଶମୂଳକ କାର୍ଯ୍ୟରେ ବାଧା' ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାପରେ ପ୍ରଶାସନର ଚେତା ପଶିଥିବା ଜଣାପଡ଼ିଛି। ଜବରଦଖଲ ହଟାଇବା ପ୍ରସଙ୍ଗରେ ଆଲୋଚନା କରିବାକୁ ତହସିଲଦାର ଶନିବାର ଏକ ବୈଠକ ଡାକିଥିଲେ। ଏଥିରେ ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର କାଶୀନଗର ନାଗରିକ ମଞ୍ଚ ସଭାପତି ପ୍ରଶାନ୍ତ ମିଶ୍ର, ସମ୍ପାଦକ କେ. ରାମାରାଓ, ଖବରଦାତା ହୃଷୀକେଶ ଗୌଡ଼, ରାଜେଶ ପଟ୍ଟନାୟକଙ୍କ ସମେତ ଆର୍.ଆଇ ଶାନ୍ତିଲତା ପଲେଇ, ରେଭିନ୍ୟୁ ସୁପରଭାଇଜର୍ ଆନନ୍ଦ ପାତ୍ର, ଜୁନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ଅବିନାଶ ପାଇକଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ ନେଇ ଆଲୋଚନା କରିଥିଲେ। ପ୍ରଶାସନ ଜବରଦଖଲ ଉଚ୍ଛେଦ କରିବାକୁ ଚାହୁଁଛି। ତେବେ ଏହି କାମ ପର୍ଯ୍ୟାୟକ୍ରମେ କରାଗଲେ ଭଲ ହେବ ବୋଲି ଉପସ୍ଥିତ ବୁଦ୍ଧିଜୀବୀମାନଙ୍କୁ କହିଥିଲେ। ପ୍ରଥମ ପର୍ଯ୍ୟାୟରେ ଫରେଷ୍ଟ ଜଙ୍କ୍ସନ୍ ଓ ବସ୍ଷ୍ଟାଣ୍ଡ ଅଞ୍ଚଳରୁ ଜବରଦଖଲ ହଟାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ବସ୍ଷ୍ଟାଣ୍ଡ ନିକଟସ୍ଥ ବଜାରର ଆଭ୍ୟନ୍ତରିଣ ଅଞ୍ଚଳ, ଅବ୍ୟବହୃତ ଓ ଅପରିଷ୍କାର ହୋଇ ପଡ଼ିଥିବା ଦୋକାନ ଗୃହଗୁଡ଼ିକୁ ସଫା କରି ରାସ୍ତା ଜବରଦଖଲ କରି ବ୍ୟବସାୟ କରୁଥିବା ଲୋକଙ୍କୁ ସେଠାରେ ଥଇଥାନ କରିବାକୁ ନିର୍ଦ୍ଦେଶ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ତେବେ ଜନସାଧାରଣ ଏ ବିଷୟରେ ଅବଗତ ହେବା ପରେ କାଶୀନଗର ସହରର ମୁଖ୍ୟରାସ୍ତା ଦୁଇପାର୍ଶ୍ୱରୁ ଜବରଦଖଲ ହଟାଯିବା ଉଚିତ ବୋଲି ସେ କହିଛନ୍ତି। ତେବେ ଷ୍ଟେଟବ୍ୟାଙ୍କ ଛକରୁ ଫରେଷ୍ଟ ଜଙ୍କସନ୍ ଓ ବ୍ଲକ୍ ଛକଦେଇ ବସ୍ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାଖରୁ ଜବରଦଖଲ ହଟିଲେ ହିଁ ବିକାଶମୂଳକ କାର୍ଯ୍ୟ ସମ୍ଭବ ହୋଇପାରିବ ବୋଲି ଉପସ୍ଥିତ ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ମଙ୍ଗଳବାର ପର୍ଯ୍ୟନ୍ତ ଛୁଟି ଥିବାରୁ ବୁଧବାରଠାରୁ ମାର୍କିଂ କାର୍ଯ୍ୟ ଆରମ୍ଭ କରିବା ପାଇଁ କାଶୀନଗର ଆର୍.ଆଇଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଉଲ୍ଲେଖନୀୟ, ଏକ ସର୍ବଦଳୀୟ ପ୍ରତିନିଧି ଦଳ ଗତ ଜାନୁୟାରୀ ମାସରେ ଗଜପତି ଜିଲାପାଳଙ୍କ ସହ ସାକ୍ଷାତ କରି କାଶୀନଗରରୁ ଜବରଦଖଲ ହଟାଇବା ପାଇଁ ଦାବି ଜଣାଇଥିଲେ। ଜିଲାପାଳଙ୍କଠାରୁ ସବୁଜ ସଙ୍କେତ ପାଇବା ପରେ ସ୍ଥାନୀୟ ତହସିଲଦାର, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଥାନା ଅଧିକାରୀଙ୍କୁ ଏ ସମ୍ପର୍କରେ ଲିଖିତଭାବେ ଅବଗତ କରାଇଥିଲେ। ତେବେ ୧ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଯଦ୍ଵାରା ଗଣମାଧ୍ୟମର ସହଯୋଗ ଲୋଡ଼ିଥିଲେ।



ବୈଠକରେ ଉପସ୍ଥିତ ତହସିଲ୍ଦାର ଓ ବୁଦ୍ଧିଜୀବୀମାନେ।

**ସଂକ୍ଷେପରେ**

## ମହିଳାଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

ଭଞ୍ଜନଗର,୭।୩(ଡି.ଏନ୍.ଏ.): ଭଞ୍ଜନଗର ଥାନା ବାଲିଆପଟାର ବସୁମତି ନାୟକ (୨୮)ଙ୍କୁ ଶୁକ୍ରବାର ରାତିରେ ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଶନିବାର ସକାଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍ପିଟାଲକୁ ପଠାଇଛି। ନଂ.୯୭/୨୦ରେ ଏକ ହତ୍ୟା ମାମଲା ରୁଜୁକରି ସ୍ୱାମୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି।

ପ୍ରକାଶ ଯେ, ତାରସିଂ ଥାନା ବୁରପଲ୍ଲୀର ବସୁମତି ୧୨ ବର୍ଷ ପୂର୍ବେ ବାଲିଆପଟାର ସନ୍ୟାସିଙ୍କୁ ବିବାହ କରିଥିଲେ। ସେମାନଙ୍କର ୨ ସନ୍ତାନ ଅଛନ୍ତି। ସନ୍ୟାସୀ ବସୁମତିଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏନେଇ ଦୁଇବର୍ଷ ପୂର୍ବେ ଥାନାରେ ବସୁମତି ଅଭିଯୋଗ ପରେ ଘଟଣାର ସମାଧାନ ହୋଇଥିଲା। ଶୁକ୍ରବାର ରାତିରେ ବସୁମତି ମୃତ୍ୟୁବରଣ କରିଥିଲେ। କିନ୍ତୁ ସନ୍ୟାନୀ ଶନିବାର ସକାଳେ ଏନେଇ ଶଶୁର ଘରକୁ ସୂଚନା ଦେଇଥିଲେ। ବସୁମତିଙ୍କ ଭାଇ ଓ ମା' ସକାଳେ ବାଲିଆପଟାରେ ପହଞ୍ଚିଥିଲେ। ବସୁମତି ରଶି ଲଗାଇ ଝୁଲି ରହିଥିବାବେଳେ ଗୋଡ଼ ଦୁଇଟି ତଳେ ଲାଗିଥିବା ଦେଖିଥିଲେ। ଏହାପରେ ବସୁମତିଙ୍କ ମା' ଝିଅଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯିବା ପରେ ପ୍ରମାଣନଷ୍ଟ ପାଇଁ ଝୁଲାଇ ଦିଆଯାଇଥିବା ଥାନାରେ ଅଭିଯୋଗ କରିଥିଲେ। ଏଥିରେ ତାଙ୍କ ସ୍ୱାମୀ, ଶାଶୁ ଓ ଦିଅର ଜଡ଼ିତ ଅଛନ୍ତି ବୋଲି ଅଭିଯୋଗ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।

## କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



କାଶୀନଗର,୭।୩(ଡି.ଏନ୍.ଏ.)-ଗଜପତି ଜିଲା କାଶୀନଗର ଏନ୍ଏସିରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀଭାବେ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ଯୋଗ ଦେଇଛନ୍ତି। ଏଥିପୂର୍ବରୁ ସେ ନୟାଗଡ଼ ଜିଲା ଓଡ଼ଗାଁ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିଲେ। କାଶୀନଗର ଏନ୍ଏସିରେ ଏହି ପଦବୀ ଦୀର୍ଘ ଦିନ ହେଲା ଖାଲି ପଡ଼ିଥିବାବେଳେ ଏବିଡିଓ କାମଚଳା ଦାୟିତ୍ୱରେ ରହିଥିଲେ। ଏନ୍ଏସି ତରଫରୁ ଶେଷ ଆସେସ୍ମେଣ୍ଟ ୧୯୯୬ରେ ହୋଇଥିଲା। ଏହା ପରେ ଆଉ ହୋଇନାହିଁ। ଜନସାଧାରଣ ଓ ବୁଦ୍ଧିଜୀବୀଙ୍କ ସହଯୋଗ ମିଳିଲେ ପରିମଳ ବ୍ୟବସ୍ଥାରେ ଉନ୍ନତି, ଜବରଦଖଲ ଉଚ୍ଛେଦ, ସହରର ସୌନ୍ଦର୍ଯ୍ୟୀକରଣ ପାଇଁ ନିଶ୍ଚିତ ଉଦ୍ୟମ କରିବେ ବୋଲି ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ମହାପାତ୍ର କହିଛନ୍ତି। ଏହି ଅବସରରେ କାଶୀନଗର ନାଗରିକ ମଞ୍ଚ ସଭାପତି ପ୍ରଶାନ୍ତ ମିଶ୍ର, ସମ୍ପାଦକ କେ. ରାମାରାଓ, ବୁଦ୍ଧିଜୀବୀ ରଘୁରାମ ସାହୁ, ରାଜେଶ ପଟ୍ଟନାୟକ, ହୃଷିକେଶ ଗୌଡ଼, ଏଲ.ଏନ. ରାଓ ଭେଟି ସ୍ୱାଗତ କରିବା ସହ ଏନ୍ଏସି ଅଞ୍ଚଳରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ।

■ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ

# କରୋନାକୁ ନେଇ ସିଡିଏମ୍ଓଙ୍କ ସଚେତନତା ବାର୍ତ୍ତା

ପାରଳାଖେମୁଣ୍ଡି,୭।୩(ସ୍ୱ.ପ୍ର.)



କରୋନା ଭାଇରସ୍ଠାରୁ ନିଜକୁ ଦୂରେଇ ରଖିବା ପାଇଁ ସତର୍କ ରହିବା ଜରୁରୀ ବୋଲି ଶନିବାର ଗଜପତି ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସଚେତନ କରାଯାଇଛି। ସିଡିଏମ୍ଓଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀ ମାଧ୍ୟମରେ ସିଡିଏମ୍ଓ ଡା. ଗୁନୁରାଣୀ ପଟ୍ଟନାୟକ ଜିଲାବାସୀଙ୍କୁ ଏହି ସଚେତନତା ବାର୍ତ୍ତା ଦେଇଛନ୍ତି। ଏଯାବତ୍ ଓଡିଶାରେ କେହି କରୋନା ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। କରୋନା ଭୂତାଣୁ ୨୫ ଡିଗ୍ରୀ ତାପମାତ୍ରାରେ ବଞ୍ଚିପାରେନାହିଁ। ଏବେ ପାରଳାଖେମୁଣ୍ଡି ସହରର ତାପମାତ୍ରା ପ୍ରାୟ ସେତିକି ରହୁଛି। ତେଣୁ ଭୟର କୌଣସି କାରଣ ନାହିଁ। ଏଥିସହ ସେ ସଂକ୍ରମିତଙ୍କ ମଧ୍ୟରେ ଦେଖାଯାଉଥିବା ଲକ୍ଷଣଗୁଡ଼ିକ ବିଷୟରେ ଅବଗତ କରାଇଥିଲେ ଏବଂ ସତର୍କତା ଅବଲମ୍ବନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ହାତ, ଗୋଡ଼, ମୁହଁ ଭଲଭାବେ ଧୋଇବା, ସଫାସୁତୁରା ରହିବା, ପରିବେଶ ସଫାସୁତରା ରଖିବା, ଭିଡ଼ ସ୍ଥାନକୁ ଯିବା ସମୟରେ ସତର୍କ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି।

# ୪୦୦କେଜି ଗଞ୍ଜେଇ ଜବତ: ୨ଗିରଫ



ଜବତ କରାଯାଇଥିବା ଗଞ୍ଜେଇ ଭର୍ତ୍ତି କମାଣ୍ଡର।

ପାରଳାଖେମୁଣ୍ଡି,୭।୩(ସ୍ୱ.ପ୍ର.)

ଗଜପତି ଜିଲା ଆର୍. ଉଦୟଗିରି ପୋଲିସ ଏକ ନମ୍ବର ବିହୀନ କାମଣ୍ଡର ଗାଡ଼ିରୁ ୪୦୦ କେଜି ଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ପାଟ୍ରୋଲିଂ ସମୟରେ ଏକ ଗାଡ଼ି କିଛି ବସ୍ତା ନେଇ ଦୃତଗତିରେ ଯାଉଥିବାବେଳେ ପୋଲିସ ସନ୍ଦେହରେ ଗାଡ଼ିକୁ ପିଛା କରିଥିଲା। ପାରିଭେଟା ନିକଟ କୁସୁମ ଘାଟିଠାରେ ଗାଡ଼ିକୁ ଅଟକାଇ ଖୋଳତାଡ଼ କରିବା ସମୟରେ ସେଥିରେଥିବା ଗଞ୍ଜେଇ ଚାଲାଣ କରାଯାଉଥିବା ଜଣାପଡ଼ିଥିଲା। ୧୪ ଟି ବସ୍ତାରେ ୪୦୦ କେଜି ଗଞ୍ଜେଇ ପୋଲିସ ଜବତ କରିବା ସହ ଗାଡ଼ି ଚାଳକ ପ୍ରତାପ ମାଝୀ ଏବଂ କିଶୋର ମାଝୀ ନାମକ ୨ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେହିପରି ଜୁନେଶ ଲିମ୍ବା ନାମକ ଅନ୍ୟ ଜଣେ ଯୁବକ ଚମ୍ପଟ ମାରିଥିବା ଆର୍.ଉଦୟଗରି ଏସ୍ଡିପିଓ ଅଶୋକ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଜବତ ଗଞ୍ଜେଇର ମୂଲ୍ୟ ୮ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛ। ଏ ନେଇ ଥାନା କେସ୍ ନଂ. ୧୮/୨୦ରେ ଏକ ମାମଲା ରୁଜୁ ହୋଇଥିବାବେଳେ ଫେରାର ଅଭିଯୁକ୍ତଙ୍କୁ ଖୁବ୍ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ମମତା ନାୟକ କହିଛନ୍ତି।

# ୨ ଦୁବାଇ ଫେରନ୍ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଗୋଷାଣୀ,୭।୩ (ଡି.ଏନ୍.ଏ.)

■କରୋନା ଲକ୍ଷଣ ନ ଥିବାରୁ ଛାଡ଼ିଦେଲେ

■ବିଶାଖାପାଟଣା ଏୟାରପୋର୍ଟରେ ହୋଇ ନ ଥିଲା ପରୀକ୍ଷା

ଗଜପତି ଜିଲା ଗୋଷାଣୀ ବ୍ଲକ୍ ଅଧୀନ ତୋଟାଗୁମୁଡ଼ା ଗ୍ରାମର ୨ ବିଦେଶ ଫେରନ୍ତାଙ୍କ କରୋନା ସନ୍ଦେହରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସେମାନେ ହେଲେ ଗାଁର ଜି. ରାଜା ରାଓ(୪୦) ଏବଂ ଏମ୍. ସନ୍ତୋଷ(୨୫)। ଦୁହେଁ ଦୁବାଇରୁ ଫେରିଥିବା ସୂଚନା ପାଇ ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗ ସୁପର୍ଭାଇଜର୍ ଆର୍. ଈଶ୍ୱର ରାଓ ଶୁକ୍ରବାର ଉଭୟଙ୍କ ଘରେ ପହଞ୍ଚି ଆଲୋଚନା କରିଥିଲେ। ଶୁକ୍ରବାର ରାଜା ରାଓଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବାବେଳେ ଶନିବାର ସନ୍ତୋଷଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ତେବେ ରକ୍ତ ପରୀକ୍ଷା ପରେ ସେପରି କୌଣସି ଲକ୍ଷଣ ନ ଥିବାରୁ ଉଭୟଙ୍କୁ ଘରକୁ ଛାଡ଼ିଦିଆଯାଇଥିବା ଜଣାପଡ଼ିଛି। ତେବେ ସେମାନଙ୍କ ପରିବାର ଉପରେ ନଜର ରଖାଯାଇଥିବା ସିଡିଏମ୍ଓ ଡା. ଗୁନୁରାଣୀ ପଟ୍ଟନାୟକ କହିଛନ୍ତି। ସୂଚନା ଅନୁଯାୟୀ, ରାଜା ଏବଂ ସନ୍ତୋଷ କାମ କରିବାକୁ ଦୁବାଇ ଯାଇଥିଲେ। ତେବେ ଦୁହେଁ ବିମାନ ଯୋଗେ ଆସି ୩ ତାରିଖରେ ବିଶାଖାପାଟଣାରେ ପହଞ୍ଚିଥିଲେ। ତେବେ କରୋନା ପାଇଁ ଜାରି ହୋଇଥିବା ଗାଇଡ୍ଲାଇନ୍ ଅନୁଯାୟୀ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ନ ଥିଲା। ୪ ତାରିଖରେ ଦୁହେଁ ଗାଁରେ ପହଞ୍ଚିଥିଲେ। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ସୁପର୍ଭାଇଜର୍ ସୂଚନା ପାଇ ଘରେ ପହଞ୍ଚି ଆଲୋଚନା କରିଥିଲେ। ହେଲେ ବିମାନବନ୍ଦରରେ କୌଣସି ସ୍ୱାସ୍ଥ୍ୟ ପରୀକ୍ଷା ହୋଇ ନ ଥିବା ଦୁହେଁ ସ୍ୱୀକାର ମଧ୍ୟ କରିଥିଲେ। ତେଣୁ ତୁରନ୍ତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଚିକିତ୍ସାଳୟକୁ ପଠାଇଥିଲେ। ଏ ନେଇ ସିଡିଏମ୍ଓ ଆହୁରି ମଧ୍ୟ କହିଛନ୍ତି ଯେ, ଓଡ଼ିଶାରେ କେହି କରୋନା ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି। ତେଣୁ ଭୟ କରିବାର କୌଣସି ଆବଶ୍ୟକତା ନାହିଁ।



ସ୍ୱାସ୍ଥ୍ୟ ବିଭାଗ ସୁପର୍ଭାଇଜର ଦୁବାଇ ଫେରନ୍ତା ଯୁବକଙ୍କ ତଥ୍ୟ ସଂଗ୍ରହ କରୁଛନ୍ତି।

## ୫ ଶିଶୁ ଶ୍ରମିକ ଉଦ୍ଧାର

ହୋଟେଲ୍ ଓ ଗ୍ୟାରେଜରେ ନିୟୋଜିତ ଥିଲେ

ପାରଳାଖେମୁଣ୍ଡି, ୭।୩(ସ୍ୱ.ପ୍ର.) :

ଜିଲା ଶ୍ରମ ବିଭାଗ ଏବଂ ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ପାରଳାଖେମୁଣ୍ଡି ସହରରୁ ୫ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିବା ଜଣାପଡ଼ୁଛି। ଏମାନଙ୍କୁ ପାରଳାଖେମୁଣ୍ଡି ଆକ୍ସିସ ବ୍ୟାଙ୍କ ସମ୍ମୁଖ ସୀମାଦ୍ରି ଗ୍ୟାରେଜ୍, ସୋଫିଆ ରେସ୍ତୋରାଁ, କରଣ ସାହିସ୍ଥିତ ବିଜୟ ଶଙ୍କର ହୋଟେଲ ଏବଂ ପୁରୁଣା ବସ୍ଷ୍ଟାଣ୍ଡସ୍ଥିତ ଭୁବନେଶ୍ୱରୀ ହୋଟେଲରୁ ଉଦ୍ଧାର କରାଯାଇଛି। ସମସ୍ତଙ୍କୁ ଉଦ୍ଧାର ପରେ ସ୍ଥାନୀୟ ଜିଲା ଶିଶୁ କଲ୍ୟାଣ ସମିତିରେ ଉପସ୍ଥାପନ କରାଯାଇଛି। କାଉନସେଲିଂ ପରେ ସେମାନଙ୍କୁ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ଚଢ଼ାଉରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ସୁବାଷ ଚନ୍ଦ୍ର ମଣ୍ଡଳ, ଚାଇଲ୍ଡଲାଇନ୍ର ସଭ୍ୟ ସଲମନ୍ ମଲ୍ଲିକ, ପ୍ରେମିକା ମଣ୍ଡଳ ସାମିଲ ଥିଲେ।



ରାଜ୍ୟସ୍ତରୀୟ ଏସ୍ଡିସି କପ୍ ଫୁଟ୍ବଲ ଉଦ୍ଯାପନୀ ଦିବସରେ କଳାକାର ଓ ଅନ୍ୟମାନେ।

# ଡଙ୍ଗରା ନୃତ୍ୟରେ ଦୁଲୁକିଲା ବାରବାଟୀ

ପାରଳାଖେମୁଣ୍ଡି,୭।୩(ସ୍ୱ.ପ୍ର.)

କଟକ ବାରବାଟୀ ଷ୍ଟାଡିୟମ୍ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଏସ୍ଡିସି କପ୍ ଫୁଟ୍ବଲ ପ୍ରତିଯୋଗିତାର ଉଦ୍ଯାପନୀ ଉତ୍ସବରେ ଗଜପତି ଜିଲାର କଳାକାରମାନେ ଆକର୍ଷଣୀୟ ନୃତ୍ୟ ପ୍ରଦର୍ଶନ କରି ପ୍ରଶଂସିତ ହୋଇଛନ୍ତି। ଡଙ୍ଗରା ନୃତ୍ୟରେ କଳାକାରମାନେ ବାରବାଟୀ ମଞ୍ଚ ଦୁଲୁକାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନୃତ୍ୟଶିଳ୍ପିମାନେ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ। ଏହି ସମୟରେ ପାରଳାଖେମୁଣ୍ଡିସ୍ଥିତ ବନ୍ଦେ ମାତରମ୍ ନୃତ୍ୟ ଅନୁଷ୍ଠାନର ପ୍ରଶାନ୍ତ କୁମାର ପଟ୍ଟନାୟକ, ରାଧାରାଣୀ ପଟ୍ଟନାୟକ, ସତ୍ୟନାରାୟଣ ଆପଟ, ଲୋକନାଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜାଡିମା ଠାକୁରାଣୀଙ୍କ ବାର୍ଷିକ ମହୋତ୍ସବ




ପାରଳାଖେମୁଣ୍ଡ,୭।୩(ସ୍ୱ.ପ୍ର.)

ଗଜପତି ଜିଲା ଗୋଷାଣୀ ବ୍ଲକ୍ ଅନ୍ତର୍ଗତ ଭିନଲା ଗାଁ ଜାଡିମା ମନ୍ଦିରର ପ୍ରଥମ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ବିଶ୍ୱାସ ରହିଛି ଯେ, ମା'ଙ୍କୁ ପୂଜା କରିବା ଦ୍ୱାରା ଗାଁରେ ରୋଗ ବ୍ୟାପିନଥାଏ। ପୂଜାର୍ଚ୍ଚନା ପରେ ଏଠାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଶେଷରେ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା । ମନ୍ଦିର କମିଟିର ସଦସ୍ୟ ପ୍ରଫୁଲ ବରାଡ଼, ସୁଶାନ୍ତ ପ୍ରଧାନ, ଚିତ୍ରସେନ ସ୍ୱାଇଁ, ସନ୍ତୋଷ ପ୍ରଧାନ, ରଞ୍ଜିତ ପ୍ରଧାନ, ସୁରେଶ ବରାଡ଼, ଦିନବନ୍ଧୁ, ଜଗା ପ୍ରଧାନ ମହୋତ୍ସବକୁ ପରିଚାଳନା କରିଛନ୍ତି।

# ନିର୍ମାଣ ଶ୍ରମିକ ସେବା ସପ୍ତାହ ସମାରୋହ

■ ୧୯୩୮ ଶ୍ରମିକଙ୍କ ପିଲାଙ୍କୁ ଶିକ୍ଷା, ୩୯ ଜଣଙ୍କୁ ବିବାହ ପାଇଁ ସହାୟତା

ପାରଳାଖେମୁଣ୍ଡି,୭।୩(ସ୍ୱ.ପ୍ର.)

ପାରଳାଖେମୁଣ୍ଡିସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଶନିବାର ଜିଲାସ୍ତରୀୟ ନିର୍ମାଣ ଶ୍ରମିକ ସେବା ସପ୍ତାହ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲା ଶ୍ରମ ଅଧିକାରୀ ମହେଶ୍ୱର ନାୟକ ଏଥିରେ ସଭାପତିତ୍ୱ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ କହିଥିଲେ। ନିର୍ମାଣ କ୍ଷେତ୍ରରେ ଶ୍ରମିକମାନଙ୍କ ତ୍ୟାଗ ଅତୁଳନୀୟ ଏବଂ ସେମାନଙ୍କ ପରିଶ୍ରମ ଯୋଗୁ ଦେଶର ନିର୍ମାଣ ଓ ବିକାଶ ଦୃତଗତିରେ ଆଗେଇ ଚାଲିଛି। ତେଣୁ ସେମାନଙ୍କ ସାମାଜିକ ସୁରକ୍ଷା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ କର୍ତ୍ତବ୍ୟ ପାଳନ କରିବା ଆବଶ୍ୟକ ବୋଲି ସେ କହିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ଯେପରି ପ୍ରତ୍ୟେକ ବ୍ଲକ୍ ଓ ଗ୍ରାମାଞ୍ଚଳର ଶ୍ରମିକଙ୍କ ନିକଟରେ ପହଞ୍ଚିପାରିବ, ସେଥିପାଇଁ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମାଞ୍ଚଳ ଶ୍ରମ ନିରୀକ୍ଷକ ଏସ୍. ପଦ୍ମନାଭ ଦୋରା, ଶ୍ରମିକ କଲ୍ୟାଣ ପ୍ରଶାସକ ଏସ୍.କେ. ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ଶ୍ରମିକମାନଙ୍କ ପୁଅ-ଝିଅଙ୍କ ଶିକ୍ଷା ପାଇଁ ୧୯୩୮ଜଣଙ୍କୁ ୯୮ଲକ୍ଷ ୭୨ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିବାବେଳେ ବିବାହ ପାଇଁ ୩୯ଜଣଙ୍କୁ ୧୫ଲକ୍ଷ ୨୫ହଜାର ଟଙ୍କା ଦିଆଯାଇଛି। କାର୍ଯ୍ୟକ୍ରମକୁ ଶ୍ରମ ବିଭାଗ କର୍ମଚାରୀ ପବିତ୍ର ମହାପାତ୍ର ଓ ଅନ୍ୟମାନେ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଜଣେ ଶ୍ରମିକଙ୍କ ପରିବାରକୁ ସହାୟତା ଦିଆଯାଉଛି।


**PARADIP PORT TRUST**

**e-TENDER CALL NOTICE**

Name of the work **"Construction of Sump for Storage of treated Water including Providing & Laying of Pipe Line from STP-I to Fire Station near Gate no.4"**. EMD cost Rs.**1,27,017/-**. Last date and time of submission of Bid **25.03.2020 at 17.15Hrs**. For details please refer our website **https://eprocure.gov.in/eprocure/aap**

**Executive Engineer**
**Harbour Works Division-III**

**PPT/PR/702/19-20 Dt.06.03.2020**

**ପୂର୍ବ ତଟ ରେଳପଥ**

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-28-19

**କାର୍ଯ୍ୟର ବିବରଣୀ:** ଦୁଇ ବର୍ଷ ନିମନ୍ତେ ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର ସ୍ଥିତ ରେଳବାଇ କଲୋନୀ ଠାରେ ବିଦ୍ୟୁତ ଏବଂ ଜଳ ଯୋଗାଣ ବ୍ୟବସ୍ଥା, ସର୍ଭିସ୍ ବିଲ୍ଡିଙ୍ଗ୍, ଷ୍ଟାଫ୍ କ୍ୱାର୍ଟର (ଟାଇପ୍-I,II,III,IV,V), ସଡ଼କ ଆଲୋକ, ସେଣ୍ଟ୍ରାଲ ହସ୍ପିଟାଲ, ସ୍କ୍ରାପ୍ ୟାର୍ଡ୍/ଜେନେରାଲ ଷ୍ଟୋର ଡିପୋ, ରେଳବାଇ ଷ୍ଟାଡ଼ିୟମ୍ରେ ଇଲେକ୍ଟ୍ରିକାଲ ସିଷ୍ଟମ୍ ର ବିବିଧ ରକ୍ଷଣାବେକ୍ଷଣ କାର୍ଯ୍ୟକଳାପ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 2,05,44,104.49,** EMD (ଟଙ୍କାରେ): 2,52,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 24 ମାସ ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-27-19

**କାର୍ଯ୍ୟର ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ପୁରୀ ଅଧୀନସ୍ଥ ପୁରୀ-କଣାସ ସେକ୍ସନ ଏବଂ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ଭୁବନେଶ୍ୱର ଅଧୀନସ୍ଥ ଭୁବନେଶ୍ୱର-ରାଜଆଠଗଡ଼-ରେଢଙ୍ଗ ସେକ୍ସନ ଏବଂ ସିନିୟର ସେକ୍ସନ ଇଲେକ୍ଟ୍ରିକାଲ ଇଂଜିନିୟର/ଖୋର୍ଦ୍ଧା ରୋଡ୍ ଅଧୀନସ୍ଥ ଖୋର୍ଦ୍ଧା ରୋଡ୍-ଗଙ୍ଗାଧରପୁର-ମୋଟାରୀ-ନୟାଗଡ଼ ଟାଉନ୍ ସେକ୍ସନର ଇଲେକ୍ଟ୍ରିକାଲ ଜେନେରାଲ କାର୍ଯ୍ୟଗୁଡ଼ିକ ନିମନ୍ତେ ବିବିଧ ରକ୍ଷଣାବେକ୍ଷଣ ଚୁକ୍ତି ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 8,63,31,419.14,** EMD (ଟଙ୍କାରେ): 5,81,700/-, ଟେଣ୍ଡର ନଥିପତର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 24 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ଉଭୟ ଟେଣ୍ଡର ନିମନ୍ତେ):** ତା.30.03.2020 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ(ଜେନେରାଲ)/ ଖୋର୍ଦ୍ଧା ରୋଡ୍

PR-766/K/19-20

## ସଂକ୍ଷେପରେ

### କ୍ରିକେଟ ମ୍ୟାଚକୁ ନେଇ ବେଟିଂ:୩ ଅଟକ

**ଗୁଣପୁର,୭।୩(ଡି.ଏନ୍.ଏ.)**
କ୍ରିକେଟ ମ୍ୟାଚକୁ ନେଇ ବେଟିଂ କରୁଥିବା ଅଭିଯୋଗରେ ରାୟଗଡା ଜିଲା ଗୁଣପୁର ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହି ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ଓ ସହରରେ କେତେଦିନ ଧରି ଏହା ଚାଲିଛି ପୋଲିସ ତାହାର ତଦନ୍ତ କରୁଛି। ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ବିବରଣୀ ରବିବାର ପ୍ରଦାନ କରାଯିବ ବୋଲି ପୋଲିସ କହିଛି।

### ଓକିଲ ସଂଘ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ଶେଷ



**ରାୟଗଡ଼ା ଅଫିସ, ୭।୩**-ରାୟଗଡ଼ା ଜିଲା ଓକିଲ ସଂଘ ନିର୍ବାଚନ ପାଇଁ ଶନିବାର ପ୍ରାର୍ଥିପତ୍ର ଦାଖଲ ଶେଷ ହୋଇଛି। ସଭାପତି ପଦ ପାଇଁ ଏମ୍ ମହେଶ ପଟ୍ଟନାୟକ, ବିବୁଧ କୁମାର ପ୍ରଧାନ, ମଙ୍ଗଳ ମୂର୍ତ୍ତି ବେରୁଆ ପ୍ରମୁଖ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ଉପସଭାପତି ପଦ ପାଇଁ ଉମାକାନ୍ତ ମିଶ୍ର, ସୁରେନ୍ଦ୍ର କୁମାର, ପଦ୍ମନାଭ ଦାସ, ସମ୍ପାଦକ ପାଇଁ ୱାଇ ଶ୍ରୀ ନିବାସ, ରମାକାନ୍ତ ଜେନା, ଜଏଣ୍ଟ ସେକ୍ରେଟାରୀ ଗୌରୀ ଶଙ୍କର ପଟ୍ଟନାୟକ, ଆକାଶପୁ ଗୌରୀ ଶଙ୍କର, ସୁଜାତା ମନପଲୀ ନାମାଙ୍କନ ଦାଖଲ କରିଛନ୍ତି। ଆସନ୍ତା ୧୨ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯିବ। ୧୩ ତାରିଖରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ମାର୍ଚ୍ଚ ୨୮ରେ ଭୋଟ ଗ୍ରହଣ କରାଯିବ। ପ୍ରତାପ ଚନ୍ଦ୍ର ଦାସ ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଉଛନ୍ତି।

### ଜଳିଗଲା ଦୋକାନ



ଲମତାପୁଟ, ୭।୩(ଡି.ଏନ.ଏ.): କୋରାପୁଟ ଜିଲା ଲମତାପୁଟ ବ୍ଲକ ଅନ୍ତର୍ଗତ ଅନକାଡେଲି ଗ୍ରାମରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡରେ ଏକ ଦୋକାନ ପୋଡ଼ି ପାଉଁଶ ହୋଇଯାଇଛି। ଏଥିରେ ୫ଲକ୍ଷ ଟଙ୍କାର ଜିନିଷ ନଷ୍ଟ ହୋଇଥିବା ଜଣାଯାଇଛି। ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ହୋଇଥିବା ଜଣାଯାଇଛି। ଶୁକ୍ରବାର ରାତିରେ ଦୋକାନ ମାଲିକ ଖଗେଶ୍ୱର ବେହେରା ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରାତି ୧୧ଟା ସମୟରେ ହଠାତ ଦୋକାନ ଗୃହରୁ ନିଆଁ ବାହାରୁଥିବା ଦେଖି ଦୌଡ଼ି ଆସିଥିଲେ। ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ କିନ୍ତୁ ଲିଭାଇ ପାରି ନ ଥିଲେ। ଶେଷରେ ଲମତାପୁଟ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଆଦିବାସୀ ଲୋକନୃତ୍ୟର ସଂରକ୍ଷଣ, ପ୍ରସାର ଲକ୍ଷ୍ୟ

## ଉତ୍କଳ ଆଲୁମିନାର ଆମ ନୃତ୍ୟ, ଆମ ସଂସ୍କୃତି କାର୍ଯ୍ୟକ୍ରମ

**ରାୟଗଡ଼ା ଅଫିସ/ଟିକିରି, ୭।୩(ଡି.ଏନ୍.ଏ.)**



ଜଣେ ପ୍ରତିଭାଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ରାୟଗଡ଼ା ଜିଲାର କାଶୀପୁର ବ୍ଲକରେ ଥିବା ଆଦିତ୍ୟ ବିର୍ଲା ଗ୍ରୁପ ଉତ୍କଳ ଆଲୁମିନା ଇଣ୍ଟର ନ୍ୟାଶନାଲ ଲିମିଟେଡ କମ୍ପାନୀ ପକ୍ଷରୁ 'ଆମ ନୃତ୍ୟ, ଆମ ସଂସ୍କୃତି' କାର୍ଯ୍ୟକ୍ରମ କରାଯାଇଛି। ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଆଦିବାସୀ ଲୋକନୃତ୍ୟର ସଂରକ୍ଷଣ ଓ ପ୍ରସାର ଉଦ୍ଦେଶ୍ୟରେ କମ୍ପାନୀର ଏଭଳି କାର୍ଯ୍ୟକ୍ରମ କରାଯାଇ ଥିବାରୁ ମନ୍ତ୍ରୀ ଖୁବ୍ ପ୍ରଶଂସା କରିଥିଲେ। ଉତ୍କଳ ଆଲୁମିନାର ୟୁନିଟ୍ ହେଡ୍ ଓ ସଭାପତି ଏନ୍.ନାଗେଶ ଓ ଯୁଗ୍ମ ସଭାପତି ଇଞ୍ଜିନିୟରିଂ ମଝରୁଲ୍ଲା ବେଗ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପ୍ରଥମ ଦିନରେ ଢେମ୍‌ସା ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଆଖପାଖ ଅଞ୍ଚଳର ୨୩ଟି ଦଳ ସାମିଲ ହୋଇଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ରାଜ୍ୟସଭା ସଦସ୍ୟ ଏନ୍. ଭାସ୍କର ରାଓ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁରର ବିଧାୟକ ରଘୁନାଥ ଗମାଙ୍ଗ, ଓଡ଼ିଶା ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାସ ଓ ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଉମା ଶଙ୍କର ମାଝି (ଓଏଏସ), ଜ୍ଞାନ ରଞ୍ଜନ ମାଝି (ଓଏଏସ), ସୁହିଲା ମାଝି (ଭାରୋତ୍ତୋଳନକାରୀ), ଲକ୍ଷ୍ମଣ ନାୟକ (କରାଟେ ଖେଳାଳି), କମଳେଶ୍ୱର ସାହୁଙ୍କୁ ସେମାନଙ୍କ ଅବଦାନ ପାଇଁ ସମ୍ମାନିତ କରିଛନ୍ତି। ଢେମ୍‌ସା ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ମାଲିଗୁଡ଼ା ଆଦିବାସୀ ନୃତ୍ୟ ଦଳକୁ ଅତିଥି ପୁରସ୍କୃତ କରିଥିଲେ। ସେହିଭଳି ପ୍ରଥମ ରନର୍ସ ଅପ୍ ସାନମାଟିକା ଦଳ ଓ ଦ୍ୱିତୀୟ ରନର୍ସଅପ୍ କେ.ସିରିଗୁଡ଼ା ଦଳକୁ ପୁରସ୍କାର ଦିଆଯାଇଛି। ଲୋପାମୁଦ୍ରା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୦ଦିନ ଲିହୁରୀ ଷ୍ଟେସନରେ ଅଟକିବ ସମସ୍ତ ଟ୍ରେନ

## ଗୋପୀନାଥଙ୍କ ଦୋଳ ଯାତ୍ରା ପାଇଁ ରେଳ ବିଭାଗ ନିଷ୍ପତ୍ତି

**ଗୁଣପୁର,୭।୩(ଡି.ଏନ୍.ଏ)**

ଆନ୍ଧ୍ରର ଲିହୁରୀ ଗ୍ରାମରେ ପ୍ରସିଦ୍ଧ ତଥା ଐତିହାସିକ ଗୋପୀନାଥଙ୍କ ଦୋଳ ଯାତ୍ରା ୯ ତାରିଖରେ ଆରମ୍ଭ ହେବ। ଏଥିପାଇଁ ରେଳ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ଯାତ୍ରା ସମୟରେ ଏହି ରାସ୍ତା ଦେଇ ଯାଉଥିବା ସମସ୍ତ ୪ ଯୋଡା ଟ୍ରେନ ଲିହୁରୀ ଷ୍ଟେଶନରେ ଆସିବା ଓ ଫେରିବା ସମୟରେ ରହିବ ବୋଲି ସୂଚନା ମିଳିଛି। ଫଳରେ ଲୋକମାନଙ୍କ ଠାକୁରଙ୍କ ଦର୍ଶନ ସହଜ ହେବ। ଲୋକମାନେ ରେଳ ବିଭାଗର ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ପ୍ରକାଶ ଯେ, ଏହି ଯାତ୍ରା ଦୋଳ ପୂର୍ଣ୍ଣିମାରୁ ଆରମ୍ଭ ହୋଇ ୧୦ ଦିନ ଚାଲିବ। ଏଥିରେ ଉଭୟ ଓଡିଶା ଓ ଆନ୍ଧ୍ରର ଅନେକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ।

# ପ୍ରସନ୍ନ କକ୍ଷ ଉଦ୍‌ଘାଟିତ

## ଛାତ୍ରୀଛାତ୍ରଙ୍କ ସହ ଏକାଠି ଖାଇଲେ ମନ୍ତ୍ରୀ, ଅଧିକାରୀ, ଲୋକ ପ୍ରତିନିଧି

**ବିଷମକଟକ, ୭।୩(ଡି.ଏନ୍.ଏ.)**

ବିଷମକଟକ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନବନିର୍ମିତ ପ୍ରସନ୍ନ କକ୍ଷକୁ ଅନୁସୂଚିତ ଜାତି, ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶନିବାର ଉଦ୍‌ଘାଟନ କରିଛନ୍ତି। ଏହି କକ୍ଷରେ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ କରିବେ। ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ଋତୁରାଜ, ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାସ, ଉପାଧ୍ୟକ୍ଷ ରମେଶ ପାଲକା, ବିଷମକଟକ ସରପଞ୍ଚ କମଳା ପିଡିକାକା, ସମିତି ସଭ୍ୟ ଅଶ୍ୱିନୀ ପାଲକା,ବିଡିଓ ଆଲ୍‌ବର୍ଟ ଲାକଡା, ବିଇଓ ଜୟଚନ୍ଦ୍ର ପାଠୀ ଏବଂ ବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ଶ୍ରୀନିବାସ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ସାରକା ଏବଂ ଅନ୍ୟ ଅତିଥିମାନେ ଛାତ୍ରୀଛାତ୍ରଙ୍କ ସହ ମିଶି ଭୋଜନ କରିଥିଲେ। ବ୍ଲକ୍ ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଅତିଥିମାନେ ଛାତ୍ରୀଛାତ୍ରଙ୍କ ସହ ଭୋଜନ କରୁଛନ୍ତି।

# ଜିଲାରେ ପଞ୍ଜୀକୃତ ହୋଇଛନ୍ତି ୬୧୨୮୪ ନିର୍ମାଣ ଶ୍ରମିକ

## ନିର୍ମାଣ ଶ୍ରମିକ ସେବା ସପ୍ତାହ

**ରାୟଗଡ଼ା ଅଫିସ,୭।୩**

ରାୟଗଡ଼ା ଜିଲା ଶ୍ରମ କାର୍ଯ୍ୟାଳୟରେ ଶନିବାର ଜିଲାସ୍ତରୀୟ ନିର୍ମାଣ ଶ୍ରମିକ ସେବା ସପ୍ତାହ ସମାରୋହ ଅନୁଷ୍ଠିତ ହୋଇଛି। ପ୍ରଭାଗୀୟ ଶ୍ରମ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ତଥା ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇଥିଲେ। ଜଣେ ନିର୍ମାଣ ଶ୍ରମିକଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନେକ ଯୋଜନା ରହିଛି। ଏଥିରେ ସେମାନେ ସହାୟତା ପାଇପାରିବେ ବୋଲି ଏହି ଅବସରରେ ମନ୍ତ୍ରୀ କହିଛନ୍ତି। ମୃତ୍ୟୁକାଳୀନ ଯୋଜନା, ବିବାହ ଯୋଜନା ଏବଂ ଶିକ୍ଷାଗତ ଯୋଜନାରେ ଶ୍ରମିକମାନେ କିପରି ଲାଭବାନ ହୋଇପାରିବେ, ସେ ନେଇ ସେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲାରେ ୬୧୨୮୪ଜଣ ନିର୍ମାଣ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି। ସେଥିମଧ୍ୟରୁ ୩୧ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ଯୋଗ୍ୟ ବିବେଚିତ ହୋଇଥିବା କୁହାଯାଇଛି। ରାଜ୍ୟସଭା ସଦସ୍ୟ ଏନ୍. ଭାସ୍କର ରାଓ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ତଥା ଜିଲା ବିଜେଡି ସଭାପତି ସୁଧୀର ଦାସ, ଜିଲା ପରିଷଦ ଅଧକ୍ଷ ଗଙ୍ଗାଧର ପୁଆଲା, ଜିଲାପାଳ ପ୍ରମୋଦ କୁମାର ବେହେରା, ପ୍ରଭାଗୀୟ ଶ୍ରମ ଅଧିକାରୀ ପ୍ରଶାନ୍ତ କୁମାର ତ୍ରିପାଠୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ। ଏହି ଅବସରରେ ୧୮୬୪ ଜଣଙ୍କୁ ଶିକ୍ଷାଗତ ସହାୟତା, ୧୫୬ ଜଣଙ୍କୁ ବିବାହ ସହାୟତା ଏବଂ ୨୨୯ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଛି।

# ଭାଗବତ ମହାଯଜ୍ଞ ଉଦ୍‌ଯାପିତ



**ମୁନିଗୁଡ଼ା, ୭।୩(ଡି.ଏନ୍.ଏ.)**– ରାୟଗଡ଼ା ଜିଲା ମୁନିଗୁଡା ବ୍ଲକ ତେଲେଙ୍ଗାପଦର ପଞ୍ଚାୟତ ଗଙ୍ଗରପଡା ଗାଁରେ ୭ଦିନ ଧରି ଚାଲିଥିବା ଶ୍ରୀମଦ୍ ଭାଗବତ ମହାପୁରାଣ କଥା ଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଛି। ଗଙ୍ଗରପଡା ପୁରୁଷାର୍ଥ ଆଧାତ୍ମିକ ସତ୍‌ସଙ୍ଗ ସେବା ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରବଚକ ଭାବେ ଆଧାତ୍ମିକ ସେବା ସମିତିର ରାଜ୍ୟ ଅଧକ୍ଷ ନବୀନ ଜୀ ପଟ୍ଟନାୟକ ଯୋଗଦେଇ ଥିଲେ। ସେ ଭାଗବତ ଗୀତା ପଠନ ଓ ପ୍ରବଚନ ଦେଇଥିଲେ। ପଣ୍ଡିତ ବିଶ୍ୱନାଥ ଆଚାର୍ଯ୍ୟଙ୍କ ପୌରହିତ୍ୟରେ ହୋମଯଜ୍ଞ,ନାମ ସଂକୀର୍ତନ, ଗୋପାଳନ ସେବା ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସରକା, ମୁନିଗୁଡା ବିଜେଡି ବରିଷ୍ଠ ନେତା ରତନଲାଲ ଜୈନ, ଜିଲା ସମ୍ପାଦକ ପୂର୍ଣଚନ୍ଦ୍ର ଗୌଡ଼, ପୂର୍ବତନ ବିଧାୟକ ସାରଙ୍ଗଧର କାଡ୍ରାକା, ଜଗନ୍ନାଥ ନୁଣ୍ଡୁରୁକା, ଧୃରୁ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଚଳିତ ବର୍ଷ ମୁଖ୍ୟ ଆକର୍ଷଣ ଭାବେ ଚାରିଧାମ ଯାତ୍ରା ପ୍ରଦର୍ଶନୀ କରାଯାଇଛି। ଗରିବ ଲୋକ ମାନେ ଚାରିଧାମ ଯାତ୍ରା କରିବା କଷ୍ଟ କର ସେମାନଙ୍କୁ ଏପରି ମାଧ୍ୟମରେ ଚାରିଧାମ ଦର୍ଶନ କରାଇବାକୁ ପ୍ରୟାସ କରାଯାଇଛି ବୋଲି ସଂଘ ସଭାପତି ହେମନ୍ତ ଗାଡାକା, ସମ୍ପାଦକ ଜୟଚନ୍ଦ୍ର ରତ୍ନାଲୁ, ରଜତ ମହାରଣା, ବେଣୁଧର ଗାଡାକା, ପିତାମ୍ବର ଗାଡାକା କହିଛନ୍ତି। ସୂଚନା ଅନୁଯାୟୀ, ୧୭ ବର୍ଷ ଧରି ସଂଘ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ କରାଯାଉଛି। ଲୋକେ ଏହାଦ୍ୱାରା ଧୀରେ ଧୀରେ ପରିବର୍ତ୍ତନ ହୋଇ ମଦ୍ୟପାନ ଛାଡି ଆଧାତ୍ମିକ ଚେତନାରେ ରହୁଥିବା ସଂଘ ପକ୍ଷରୁ କୁହାଯାଇଛି।

# କରୋନା ଭାଇରସ ସମ୍ପର୍କରେ ସଚେତନ କଲେ ଛାତ୍ରୀଛାତ୍ର

**ଗୁଣପୁର, ୭।୩(ଡି.ଏନ୍.ଏ.)**

ରାୟଗଡା ଜିଲା ଗୁଣପୁର ସହର ୧୭ନଂ ୱାର୍ଡ ଅଧୀନ ନୂଆଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କରୋନା ଭାଇରସ୍ ସମ୍ପର୍କରେ ଏକ ସଚେତନତା କର୍ଯ୍ୟକ୍ରମ ଶନିବାର କରାଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଗାଁ ସାଫେଇ, ହାତ ଧୋଇବା, ପରିଷ୍କାର ପରିଚ୍ଛନ୍ନ ରହିବା, କାଶ ଛିଙ୍କ ହେଲେ ରୁମାଲ ବ୍ୟବହାର କରିବା, ଜ୍ୱର ଓ ଥଣ୍ଡା ହେଲେ ଡାକ୍ତରଙ୍କ ପରାମର୍ଶ ନେବା ସମ୍ପର୍କରେ ସେମାନେ ସଚେତନ କରିଥିଲେ। ଛାତ୍ରୀଛାତ୍ରଙ୍କ ସହ ପ୍ରଧାନ ଶିକ୍ଷକ ରାମ ପ୍ରସାଦ ପଟ୍ଟନାୟକ, ସୁରେନ୍ଦ୍ର ଶତପଥୀ, କାଳି ପ୍ରସାଦ ଦାସ, ସଙ୍ଗୀତା କାଡ୍ରକା, ସ୍କୁଲ କମିଟି ସଭାପତି କେ.ମିନାରାଓ, ସ୍ୱଚ୍ଛତା ସାଥୀ କୋଲା ଶ୍ରୀରାମ ପ୍ରମୁଖ ଉପସ୍ଥିତ ଥିଲେ।



ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ସଚେତନ କରୁଛନ୍ତି।

# ଜନ ଔଷଧି ଦିବସ ପାଳିତ

**ଗୁଣପୁର,୭।୩(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁରରେ ଭାଜପା ପକ୍ଷରୁ ଜନ ଔଷଧି ଦିବସ ଶନିବାର ପାଳିତ ହୋଇଛି। ପ୍ରଧାନମନ୍ତ୍ରୀ ଜନ ଔଷଧି କେନ୍ଦ୍ର ଦ୍ୱାରା ଲୋକମାନେ କିପରି ଉପକୃତ ହେଉଛନ୍ତି ଦଳୀୟ କର୍ମମାନେ ସେ ସମ୍ପର୍କରେ କହିଥିଲେ। ମେଡିକାଲ ଛକରେ ଥିବା ଜନ ଔଷଧି କେନ୍ଦ୍ରରେ ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଛି। ଭାଜପାର ପ୍ରେମ ପ୍ରସାଦ ପଣ୍ଡା, ୱାଇ.ଗଣପତି,ଶ୍ରୀ ନିବାସ ସ୍ୱାଇଁ, ଫାଲଗୁନି ଶବର, ସୁଜାତା ପଟ୍ଟନାୟକ, ଭାଗ୍ୟ ମାଣ୍ଡୋଦି, ଉଦୟ ପାଢୀ, ଜନ ଔଷଦି କେନ୍ଦ୍ରର ରବି ଆଚାରି, ରମେଶ ସାହୁ, ୱାଇ.ସାନମୁଖା, ଜଗଦିଶ ପଣ୍ଡା,ସବିତା ଶବର, ପୃଥ୍ୱୀରାଜ ପାଢୀ, ଭଗବାନ ଚୌଧୁରୀ, ସନ୍ତୋଷ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରେ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଫଳ,ବିସ୍କୁଟ ବଣ୍ଟନ କରାଯାଇଥିଲା।



ରୋଗୀଙ୍କୁ ଫଳ, ବିସ୍କୁଟ ବଣ୍ଟନ କରାଯାଉଛି।

# ହାଇକୋର୍ଟ ଜଷ୍ଟିସଙ୍କ କୋରାପୁଟ ଗସ୍ତ

**ଜୟପୁର, ୭।୩ (ଡି.ଏନ.ଏ )**
ହାଇକୋର୍ଟ ଜଷ୍ଟିସ କୃଷ୍ଣରାମ ମହାପାତ୍ର ଶନିବାର କୋରାପୁଟ ଗସ୍ତ କରିଛନ୍ତି। ସେ ଜୟପୁରସ୍ଥିତ ଜିଲା କୋର୍ଟ ପରିସରରେ ନିର୍ମାଣାଧୀନ ଜିଲା କୋର୍ଟ ଭବନର ତଦାରଖ କରିଥିଲେ। ଉକ୍ତ ଭବନ ନିର୍ମାଣରେ ବିଳମ୍ବ ଯୋଗୁ ବିଭିନ୍ନ ସମୟରେ କୋରାପୁଟ ଜିଲା ଗସ୍ତ ଅବସରରେ ହାଇକୋର୍ଟର ଜଷ୍ଟିସମାନେ ଏହାର ତଦାରଖ କରିବା ସହିତ ଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନିମନ୍ତେ ଆଲୋଚନା କରିଥାଆନ୍ତି। ଜଷ୍ଟିସ ମହାପାତ୍ର ପୂର୍ବାହ୍ନରେ ଜିଲା କୋର୍ଟ ପରିସରରେ ପହଞ୍ଚିଥିଲେ। ଜିଲା କୋର୍ଟ କାର୍ଯ୍ୟାଳୟରେ ଜିଲା ଜଜ୍ ବିମଳଚନ୍ଦ୍ର ଚାନ୍ଦ ଏବଂ ଅନ୍ୟ ଜଜ୍‌ଙ୍କ ସହିତ ଜଷ୍ଟିସ ଆଲୋଚନା କରିଥିଲେ। ଏଥିସହ ବିଭିନ୍ନ ମାମଲା ଏବଂ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହାପରେ ଜଷ୍ଟିସ ମହାପାତ୍ର ଏବଂ ହାଇକୋର୍ଟ ରେଜିଷ୍ଟ୍ରାର ପ୍ରତାପ ପାତ୍ର ନିର୍ମାଣାଧୀନ ଜିଲା କୋର୍ଟ ଭବନର କାର୍ଯ୍ୟର ତଦାରଖ କରିଥିଲେ। ଜିଲା ଆଇନଜୀବୀ ସଂଘ କାର୍ଯ୍ୟାଳୟଠାରେ ଜଷ୍ଟିସ ମହାପାତ୍ର ଏବଂ ରେଜିଷ୍ଟ୍ରାର ପାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଜିଲା କୋର୍ଟରେ ରହିଥିବା ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ।

# ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା

**ଟିକିରି, ୭।୩(ଡି.ଏନ୍.ଏ.)**

ହୋଲି ଓ ୧୬ ପ୍ରହର ନାମଯଜ୍ଞ ପାଇଁ ଏକ କଳସ ଶୋଭାଯାତ୍ରା କରାଯାଇଛି। ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରି ପଞ୍ଚାୟତ ସଦର ଜଗନ୍ନାଥ ମନ୍ଦିର ନିକଟସ୍ଥ ପୋଖରୀରୁ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ବାହାରିଥିଲେ। ମହିଳାମାନେ ପାଣି ଧରି ଜଗନ୍ନାଥ ମନ୍ଦିରକୁ ଆସିଥିଲେ। କାର୍ଯ୍ୟକ୍ରମକୁ ହରିହର ସଙ୍କିର୍ତ୍ତନ ମଣ୍ଡଳି ସଭାପତି ଦିବାକର ବେହେରା ଓ ବାବୁଲି ଲିମାଙ୍କ ତତ୍ତ୍ୱାଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସୀମାଞ୍ଚଳ ଷଡଙ୍ଗୀ, କୈଳାସ ପୂଜାରୀ, ହରିହର ମିଶ୍ର, ବିଦ୍ୟାଧର ନାୟକ, ଗୁପ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅନ୍ ଲାଇନ୍ ଠକେଇର ଶିକାର ନ ହେବାକୁ ପରାମର୍ଶ

**ଗୁଣପୁର,୭।୩(ଡି.ଏନ୍.ଏ.)**



ଆମ ପୋଲିସ ବୈଠକ ଚାଲିଛି।

ରାୟଗଡା ଜିଲା ଗୁଣପୁର ଆଦର୍ଶ ଥାନାରେ ଆମ ପୋଲିସର ଏକ ବୈଠକ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଏସ୍‌ଡିପିଓ ରାଜକିଶୋର ଦାସ, ଥାନାଧିକାରୀ ରଶ୍ମି ରଞ୍ଜନ ପ୍ରଧାନ ଏବଂ ଏସ୍‌ଆଇକେ. ସାମୁରିଆଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ସହରର ବିଭିନ୍ନ ସମସ୍ୟା ଏବଂ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ ଲାଇନରେ ଠକାମିର ଶିକାର ନ ହେବାକୁ ଏଚଡିଏଫ୍‌ସି ବ୍ୟାଙ୍କ କର୍ମଚାରୀମାନେ ସଚେତନ କରିଥିଲେ। ସେହିଭଳି ବାଇପାସ ଛକରେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମିତି ହୋଇଥିବା ରାସ୍ତା ଡିଭାଇଡର ସହ ଟ୍ରାଫିକ ପୋଷ୍ଟ ନିର୍ମାଣରେ ବ୍ୟତିକ୍ରମ ଥିବାରୁ ଦୁର୍ଘଟଣା ବୃଦ୍ଧି ପାଇବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପଦକ୍ଷେପ ନେବାକୁ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇ ପୂର୍ତ୍ତ ବିଭାଗ ସହ ଆଲୋଚନା କରାଯିବାକୁ ସ୍ଥିର ହୋଇଥିଲା। ସେହିପରି ରାସ୍ତା ପାର୍ଶ୍ୱରେ ପାର୍କିଂ ଦ୍ୱାରା ହେଉଥିବା ଅସୁବିଧା, ବରିଷ୍ଠ ନାଗରିକମାନଙ୍କୁ ପରିଚୟପତ୍ର ପ୍ରଦାନ, ଆରଏମ୍‌ସିଠାରୁ ଓଭର ବ୍ରିଜ ପର୍ଯ୍ୟନ୍ତ ରାସ୍ତାରେ କପାଗୁଡିକ ରହିବା ଯୋଗୁ ଉପୁଜିଥିବା ସମସ୍ୟା ସହ ଅନ୍ୟ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ଦାସ, ରାଜେନ୍ଦ୍ର ପ୍ରସାଦ ସାହୁ, ସୂର୍ଯ୍ୟ ନାରାୟଣ ରଥ, ରାଧାନାଥ ପାଢୀ, ଶଶୀକାନ୍ତ ମହାପାତ୍ର, ରମେଶ ଲିମାଙ୍କ ସମେତ ଅନ୍ୟ ସଂଗଠନର କର୍ମକର୍ତ୍ତାଙ୍କ ସମେତ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଅପପୁଷ୍ଟି କବଳରେ ୬ମାସର ଶିଶୁ

**ଚନ୍ଦ୍ରପୁର, ୭।୩(ଡି.ଏନ୍.ଏ.)**

ଜନ୍ମର ୬ ଦିନ ଭିତରେ ଆଖିବୁଜିଲା ମା'। ଲାଳନପାଳନ ଭାର ପଡିଲା ୭୫ ବର୍ଷୀୟା ଜେଜେମା ଉପରେ। କିନ୍ତୁ ଶିଶୁଟି ପିଲାବେଳୁ ସ୍ତନ୍ୟପାନ କରି ନ ଥିବାରୁ ଏବେ ଅପପୃଷ୍ଟିର ଶିକାର। ଏଣେ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଶିଶୁଟିକୁ ଡାକ୍ତରଖାନା ନେଇ ପାରୁନାହାନ୍ତି ବାପା। ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ବୁଡିବାଲି ପଞ୍ଚାୟତ ଦ୍ରାହାଗଡ଼ା ଗାଁର ରେଟାଙ୍ଗ ଗୁଲୁଡୁକାଙ୍କ ୬ମାସ ପୁଅ ଅପପୃଷ୍ଟିର ଶିକାର ହୋଇଛନ୍ତି।

ରେଟାଙ୍ଗ ଆଦିବାସୀ ରୀତିନୀତିରେ ଫୁଲବାଣୀର ରୀତାଙ୍କୁ ବିବାହ କରିଥିଲେ। ରୀତା ଗର୍ଭବତୀ ହେବା ପରେ ପରିବାର ଲୋକେ ଖୁସି ହୋଇଥିଲେ। ପ୍ରସବ ପାଇଁ ରୀତ ନିଜ ଗାଁକୁ ଯାଇଥିଲେ। ଗତ ଅଗଷ୍ଟ ୧୩ ତାରିଖରେ ରୀତା ଫୁଲବାଣୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ପୁଅକୁ ପାଇ ସମସ୍ତେ ଖୁସି ହୋଇଥିବାବେଳେ ରୀତାଙ୍କ ସ୍ୱାସ୍ଥ୍ୟବସ୍ଥା କିନ୍ତୁ ଖରାପ ହୋଇପଡିଥିଲା। ସେଥିପାଇଁ ତାଙ୍କୁ ପୁଣିଥରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ରୀତା ପ୍ରାଣ ହରାଇ ଥିଲେ। ୬ ଦିନର ଶିଶୁ ପୁତ୍ରକୁ କୋଳରେ ଧରି ବାପା ରେଟାଙ୍ଗ ଦ୍ରାହାଗଡ଼ା ଫେରଥିଲେ। ଏବେ ଶିଶୁପ ତ୍ରର ଲାଳନ ପାଳନ ଦାୟିତ୍ୱ ଥିଲା ୭୫ ବର୍ଷିୟା ଜେଜେମା ମାହାମାଇଙ୍କ ଉପରେ। ଏତେ ଛୋଟ ଶିଶୁକୁ ଉପଯୁକ୍ତ ପୋଷଣ ଯୁକ୍ତ ଖାଦ୍ୟ ଦେବା କିନ୍ତୁ ଜେଜେ ମା' ମାହାମାଇଙ୍କ ପକ୍ଷେ କଷ୍ଟକର ଥିଲା। ଏହା ମଧ୍ୟରେ ପିଲାଟି ଅପପୃଷ୍ଟିର ଶିକାର ହୋଇପଡିଥିଲେ। ଖବରପାଇ ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଗତ ୨୭ ତାରିଖରେ ଶିଶୁଟିକୁ ଚିକିତ୍ସା ପାଇଁ ଚନ୍ଦ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଚନ୍ଦ୍ରପୁର ଡାକ୍ତର ଶିଶୁଟିକୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଥିଲେ। ସେଠାରେ ଗୋଟିଏ ଦିନ ରହିବା ପରେ ଶିଶୁଟିକୁ କୋରାପୁଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ଡାକ୍ତର ରେଟାଙ୍ଗଙ୍କୁ ପରାମର୍ଶ ଦେଇଥିଲେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ରେଟାଙ୍ଗ ଶିଶୁଟିକୁ ଘରକୁ ନେଇ ଚାଲି ଆସିଥିଲେ। ଶିଶୁଟିର ଚିକିତ୍ସା ଓ ରେଟାଙ୍ଗଙ୍କୁ ସହାୟତା ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଶିଶୁ ବିକାଶ ଯୋଜନା ସୁପରଭାଇଜର ଚନ୍ଦ୍ରମା ମାଳବିଶୋଇଙ୍କୁ ପଚାରିବାରୁ , ଶିଶୁଟିକୁ ମାତ୍ର ୬ମାସ ହୋଇଛି। ସାତ ମାସ ହେଲା ପରେ ହିଁ ଛତୁଆ ଓ ଅଣ୍ଡା ଦିଆଯାଇ ପାରିବ ବୋଲି ସେ କହିଛନ୍ତି। ସ୍ତନପାନ ଅଭାବ ହେତୁ ଶିଶୁଟିର ଏପରି ଅବସ୍ଥା ବୋଲି ସେ କହିଛନ୍ତି। ଚନ୍ଦ୍ରପୁର ଦାୟିତ୍ୱରେ ଥିବା ସିଡିପିଓ ମିନାକ୍ଷୀ ସାହୁଙ୍କୁ ପଚାରିବାରୁ ଅପପୃଷ୍ଟି ହେତୁ ପିଲାଟିକୁ କୋରାପୁଟ ପଠାଯାଇଥିଲା। କିନ୍ତୁ ପିଲାଟିର ଲାଳନ ପାଳନ ପାଇଁ କେହି ନ ଥିବାରୁ ରେଟାଙ୍ଗ ତାଙ୍କୁ ଘରକୁ ନେଇ ଚାଲି ଯାଇଥିଲେ ବୋଲି କହିଛନ୍ତି। ଏହା ମଧ୍ୟରେ ଶୁକ୍ରବାର ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭ୍ରାମ୍ୟମାଣ ଭ୍ୟାନ ଦ୍ରାହାଗଡ଼ା ଗାଁରେ ପହଞ୍ଚି ଶିଶୁଟର ସ୍ୱାସ୍ଥ୍ୟ ପରୀକ୍ଷା କରି ଡାକ୍ତରଖାନାକୁ ପୁଣି ଥରେ ଆଣିଛନ୍ତି ବୋଲି ପୁର୍ବତନ ବ୍ଲକ ଅଧକ୍ଷ ଭୀମ ଗଗେରେଙ୍ଗା ଓ ଅଙ୍ଗନୱାଡି କର୍ମୀ ବଇଜନ୍ତି ମଲ୍ଲିକ କହିଛନ୍ତି।



ଜେଜେମା'ଙ୍କ କୋଳରେ ଶିଶୁପୁତ୍ର।